Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସଂଖ୍ୟା 4

ବାର୍ଷିକ ଦେୟ: ୩୦୦/-

# ସାପ୍ତାହିକ ବଦର

The Weekly କାଦିଆନ
BADAR Qadian
ODIA

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 26 ଜାନୁଆରୀ 2017   26 ସୁଲାହ 1396 ହି.ଶ   27 ରବିଉଲ୍ ସାନି 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

**ଇସ୍‌ଲାମ୍‌କୁ ମାନିବା ଦ୍ୱାରା ମୋ ଭିତରେ ଜ୍ୟୋତିର ଝରଣା ପ୍ରବାହିତ ହେଉଅଛି । ମତେ ଦେଖାଇଦିଆଗଲା, ଜଣାଇଦିଆଗଲା ଓ ବୁଝାଇ ଦିଆଗଲା କି ସଂସାରରେ କେବଳ ଇସ୍‌ଲାମ୍ ହିଁ ସତ୍ୟ ଅଟେ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ମୁଁ ଦେଖୁଛି ଯେ ଇସ୍‌ଲାମ୍‌କୁ ମାନିବା ଦ୍ୱାରା ଜ୍ୟୋତିର ଝରଣା ମୋ ଭିତରେ ପ୍ରବାହିତ ହେଉଛି ଏବଂ କେବଳ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ପ୍ରେମନିଷ୍ଠା ରଖିବା ଦ୍ୱାରା ଅଲ୍ଲାଃତାଲାଙ୍କ ସହିତ ଯେଉଁ ବାର୍ତାଳାପ ଏବଂ ଦୁଆ ଗ୍ରହଣ ହେବାର ସୌଭାଗ୍ୟ ମତେ ପ୍ରାପ୍ତ ହୋଇଛି ତାହା ଜଣେ ସଚ୍ଚା ନବୀଙ୍କ ଅନୁସରଣ ବିନା କାହାକୁ ହାସଲ ହୋଇପାରିବ ନାହିଁ ଏବଂ ଯଦି ହିନ୍ଦୁ ଓ ଖ୍ରୀଷ୍ଟିଆନ୍ ଇତ୍ୟାଦି ସମସ୍ତେ ନିଜର ବାତିଲ୍ (ମିଛ) ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରି କରି ପ୍ରାଣତ୍ୟାଗ କରିଯାନ୍ତି, ତେବେ ମଧ୍ୟ ତାଙ୍କୁ ସେ ସ୍ଥାନ ମିଳିପାରିବ ନାହିଁ ଏବଂ ସେହି ଅଲ୍ଲାଃଙ୍କର ବାର୍ତା ଯାହାକୁ ଅନ୍ୟମାନେ କେବଳ ଭାବନାର ସହିତ ମାନିଥାନ୍ତି, ତାହାକୁ ମୁଁ ଶୁଣିପାରୁଛି ଓ ମତେ ଦେଖାଇ ଦିଆଗଲା, ବୁଝାଇଦିଆଗଲା ଓ ଶିଖାଇ ଦିଆଗଲା ଯେ ସଂସାରରେ କେବଳ ଇସ୍‌ଲାମ୍ ହିଁ ସତ୍ୟ ଓ ମୋ ଉପରେ ଏହା ପ୍ରକାଶ କରାଗଲା ଯେ ଉକ୍ତ ପ୍ରାଚୁର୍ଯ୍ୟର ସୌଭାଗ୍ୟ କେବଳ ହଜ୍‌ରତ୍ ଖାତମୁଲ୍ ଅମ୍ବିଆ ସ୍ୱଲ୍ଲଲ୍ଲାଃହୁ ଆ:ସଙ୍କ ଅନୁଗାମୀ ହେବା ଦ୍ୱାରା ହିଁ ମତେ ଏହା ପ୍ରାପ୍ତ ହୋଇଛି । ଏବଂ ଯାହା କିଛି ମିଳିଛି ତାହାର ଦୃଷ୍ଟାନ୍ତ ଅନ୍ୟ ଧର୍ମରେ ନାହିଁ କାରଣ ତାହା ସବୁ ବାତିଲ୍ ଅଟେ । ଏବେ ଯଦି କେହି ସତ୍ୟର ଅନ୍ୱେଷଣକାରୀ ଅଛନ୍ତି, ସେ ହିନ୍ଦୁ ହୁଅନ୍ତୁ ବା ଖ୍ରୀଷ୍ଟିଆନ୍ ବା ଆର୍ଯ୍ୟା ବା ୟୁହୁଦୀ ବା ବ୍ରହ୍ମୋସମାଜୀ ବା ଅନ୍ୟକେହି ତାଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ଅଟେ ଯେ ସେ ମୋ ମୁକାବିଲା କରୁ । ଯଦି ସେମାନେ ଗୁପ୍ତ ବିଷୟ(ଭବିଷ୍ୟବାଣୀ)ର ପରିପ୍ରକାଶ ଏବଂ ଦୁଆର ଗ୍ରହଣୀୟତାରେ ମୋର ମୁକାବିଲା କରିପାରିବେ ତେବେ ମୁଁ ପ୍ରଚଣ୍ଡ ପ୍ରତାପି ଓ ଜ୍ୟୋତିର୍ମୟ ଅଲ୍ଲାଃଙ୍କ ରାଣ ଖାଇ କହୁଛି ଯେ ମୋର ସମସ୍ତ ସ୍ଥାବର ଧନସମ୍ପତି ଯାହାର ମୂଲ୍ୟ ଦଶ ହଜାର ଟଙ୍କା ହେବ, ତାଙ୍କୁ ସମର୍ପଣ କରିଦେବି । ତାଙ୍କ ଇଚ୍ଛାନୁଯାୟୀ ଯେଉଁଥିରେ ତାଙ୍କୁ ସାନ୍ତ୍ୱନା ମିଳିବ ମୁଁ ତାହା କରିବା ପାଇଁ ଦୃଢ଼ ପରିକର ।

(ଆଇନାଏ-କମାଲାତେ ଇସ୍‌ଲାମ୍, ରୁହାନି ଖଜାଏନ୍ ଖଣ୍ଡ-୫, ପୃଷ୍ଠା-୨୭୬)

୧୨୨ତମ ଜଲ୍‌ସା ସାଲାନା କାଦିଆନ୍ ୨୦୧୬ ର ସଂକ୍ଷିପ୍ତ ବିବରଣୀ (ପ୍ରଥମ ଜଲ୍‌ସାରୁ ଏପର୍ଯ୍ୟନ୍ତ ୧୨୫ ତମ ବର୍ଷ)

# ଅହେମଦୀୟା ମର୍କଜ୍ କାଦିଆନ୍ ଦାରୁଲଅମାନ୍‌ରେ ୧୨୨ତମ ଜଲ୍‌ସା ସାଲାନାର ସଫଳ ଆୟୋଜନ ।

◆ମୁସ୍‌ଲିମ୍ ଟେଲିଭିଜନ୍ ଅହମଦୀୟା ଦ୍ୱାରା ସୟଦ୍‌ନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ମିର୍ଜା ମସ୍‌ରୁର୍ ଅହ୍‌ମଦ୍ ଖଲିଫତୁଲ ମସିହିଲ୍ ଖାମିସ୍ ଆୟଦହୁଲ୍ଲାହୁ ତାଲା ବେନସ୍‌ରିହିଲ୍ ଅଜିଜ୍‌ଙ୍କର ଜଲ୍‌ସାରେ ସାମିଲ୍ ସଦସ୍ୟଙ୍କ ନିମନ୍ତେ ହୃଦ୍‌ବୋଧ ଭାଷଣ◆୪୨ ଦେଶରୁ ଅତିଥିମାନଙ୍କର ଆଗମନ ଓ ୧୪,୨୪୨ ଅହେମଦୀୟା ପ୍ରେମୀଙ୍କ ଜଲ୍‌ସାରେ ଅଂଶଗ୍ରହଣ◆ହଜୁର୍ ଅନ୍‌ଓ୍ୱରଙ୍କ ଉଦ୍‌ଯାପନି ଭାଷଣ ସମୟରେ ଲଣ୍ଡନ୍‌ଠାରେ ୫,୨୩୦ ଅହେମଦୀଙ୍କର ସମାବେଶ◆ତହ୍‌ଯୁଦ୍ ନମାଜ ପାଠ ଦରସୁଲ୍ କୁରୁଆନ୍ ଓ ଜିକ୍‌ରେ ଏଲାହି ସହିତ ସୁନ୍ଦର ପରିବେଶ◆ଓ୍ୱଲେମା କରାମ୍‌ଙ୍କ ସୁଜ୍ଞାନୀ ଭାଷଣ ଜଲ୍‌ସା ପେଶ୍‌ଓ୍ୱାୟାନେ ମଜାହିବ୍‌ର (ସର୍ବଧର୍ମ ସମ୍ମିଳନୀ) ଆୟୋଜନ◆ଅତିଥିମାନଙ୍କ ପରିଚୟ ପ୍ରଦାନକାରୀ ଭାଷଣ◆ଦେଶୀୟ ଓ ବିଦେଶୀ ଭାଷାରେ ଅନୁବାଦ◆ଅହେମଦୀମାନଙ୍କ ନିମନ୍ତେ ଜ୍ଞାନବର୍ଦ୍ଧକ ଓ ବିଭିନ୍ନ ତର୍‌ବୟତି ବିଷୟ ଉପରେ ଆଧାରିତ ଡ଼କ୍ୟୁମେଂଟାରି ଓ ଅନ୍ୟାନ୍ୟ ଜ୍ଞାନବର୍ଦ୍ଧକ ପ୍ରଦର୍ଶନୀର ଉପସ୍ଥାପନ◆ନୌ ମୁବାଇନ୍ ଏବଂ ଜେରେ ତବ୍‌ଲିଗ୍‌ଙ୍କ ନିମନ୍ତେ ଜଲ୍‌ସା◆୨୬ ଟି ନିକାହ୍‌ର ଘୋଷଣା◆ପ୍ରିଂଟ୍ ଓ ଇଲୋକ୍‌ଟ୍ରୋନିକ୍ ମିଡ଼ିଆରେ ଜଲ୍‌ସାର ବୃହତ ପ୍ରସାରଣ◆ଶାନ୍ତିପ୍ରିୟ ଓ ସୁନ୍ଦର(ପରିବେଶରେ) ମୌସମ୍‌ରେ ଜଲ୍‌ସାର ସମସ୍ତ ପ୍ରୋଗ୍ରାମ୍ ପରିସମାପ୍ତି◆''ଅଲ୍‌କଲମ୍'' ପ୍ରୋଜେକ୍ଟର ଆୟୋଜନ◆ଯମାତ ଅହେମଦୀୟା ଇଣ୍ଡୋନେଶିଆରୁ ୧୮୩ ଜଣ ବ୍ୟକ୍ତି ଚାର୍ଟାର୍ଡ଼ ଉଡ଼ାଜାହାଜ ଜରିଆରେ ଆସି ଜଲ୍‌ସା ସାଲାନାରେ ସାମିଲ୍ ।

### ମୁଆଇନାଏ କାର୍‌କୁନାନ୍ (କାର୍ଯ୍ୟକର୍ତାଙ୍କ ନିରୀକ୍ଷଣ)

ଅଲ୍ଲାଃଙ୍କ ଦୟାରୁ ଜଲ୍‌ସା ସାଲାନା କାଦିଆନ୍ ୨୦୧୬ ପାଇଁ କାର୍ଯ୍ୟକର୍ତାଙ୍କ ନିରୀକ୍ଷଣ ୨୨ ଡ଼ିସେମ୍ବର ୨୦୧୬ ତାରିଖ ଦିନ ଅନୁଷ୍ଠିତ ହେଲା । ହଜୁର୍ ଅନୁଓ୍ୱର୍‌ଙ୍କ ପ୍ରତିନିଧି ଶ୍ରୀମାନ୍ ମୌଲାନା ମୁହମ୍ମଦ୍ ଇନ୍‌ଆମ୍ ସାହେବ ଘୋରି, ନାଜିର୍ ଅଲ୍ଲା ଓ ସ୍ଥାନୀୟ ଅମୀର୍ କାଦିଆନ୍, ଦିବା ଠିକ୍ ୧୦ ଘଟିକା ସମୟରେ ଅହେମଦୀୟା ଗ୍ରାଉଣ୍ଡ୍‌ରେ ଉପସ୍ଥିତ ହୋଇ କାର୍ଯ୍ୟକର୍ତାଙ୍କ ସହିତ ହାତ ମିଳେଇଲେ । ଜଲ୍‌ସାର ସମସ୍ତ କାର୍ଯ୍ୟକର୍ତା ନିର୍ଦ୍ଧାରିତ ସମୟ ପୂର୍ବରୁ ଧାଡ଼ିରେ ଛିଡ଼ା ହୋଇଥିଲେ ନାରୀ କାର୍ଯ୍ୟକର୍ତାଙ୍କ ନିମନ୍ତେ ପର୍ଦ୍ଦାର ଆୟୋଜନ କରି ଏହି ଉତ୍ସବରେ ଯୋଗଦେବା ପାଇଁ ସୁବ୍ୟବସ୍ଥା ହୋଇଥିଲା ।

ମଂଚ ଉପରେ ହଜୁର୍‌ଙ୍କ ପ୍ରତିନିଧିଙ୍କ ସହିତ ଶ୍ରୀମାନ୍ ଶୋଏବ୍ ଅହେମଦ୍ ସାହେବ **(ଅଫିସର୍ ଜଲ୍‌ସା ସାଲାନା)**, ଶ୍ରୀମନ୍ ମୋଜଫର୍ ଅହେମଦ୍ ନାସିର୍ ସାହେବ **(ଅଫିସର୍ ଜଲ୍‌ସା ଗାଃ)**, ଶ୍ରୀମାନ୍ ରଫିକ୍ ଅହେମଦ୍ ବେଗ୍ ସାହେବ (ଅଫିସର୍ ଖିଦ୍‌ମତେ ଖଲ୍‌କ୍), ଶ୍ରୀମାନ୍ ହାଫିଜ୍ ମଖ୍‌ଦୁମ୍ ଶରିଫ୍ ସାହେବ, ଶ୍ରୀମାନ୍ ତାହେର୍ ଅହେମଦ୍ ତାରିକ୍ ସାହେବ, **(ନାଏବ୍ ଅଫିସର୍ ଜଲ୍‌ସା ଗାଃ)**, ଶ୍ରୀମାନ୍ ଅବ୍‌ଦୁଲ୍ ଓ୍ୱକିଲ୍ ସାହେବ ନିଆଜ୍, ଶ୍ରୀମାନ୍ ହାଫିଜ୍ ମଜ୍‌ହର୍ ଅହେମଦ୍ ସାହେବ, ଶ୍ରୀମାନ୍ ମଜହର୍ ଅହେମଦ୍ ଓ୍ୱସିମ୍ ସାହେବ, ଶ୍ରୀମାନ୍ ଏମ୍. ଅବୁବକର୍ ସାହେବ, ଶ୍ରୀମାନ୍ ହବିବୁର୍ ରହେମାନ୍ ଖାଁ ସାହେବ ଏବଂ ଶ୍ରୀମାନ୍ ଇଂ ଫରିଦ୍ ଅହେମଦ୍ ସାହେବ **(ନାଏବ୍ ଅଫ୍‌ସରାନ୍ ଜଲ୍‌ସା ସାଲାନା)** ଉପସ୍ଥିତ ଥିଲେ ।

ପବିତ୍ର କୋରାନ୍‌ର ଆବୃତି ଶ୍ରୀମାନ୍ ମୁର୍‌ଶିଦ୍ ଅହେମଦ୍ ଡ଼ାର୍ ସାହେବ ମୁରବୀ ସିଲ୍‌ସିଲା କରିଲେ । ସେ ସୁରା ବକ୍‌ରାର ଶେଷ ରୁକୁ ତିଲାଓ୍ୱତ୍ କଲେ ଏବଂ ଅନୁବାଦ ମଧ୍ୟ ଶୁଣାଇବେଲ ।

ଏହାପରେ ହଜୁର୍ ର:ଅ ଙ୍କ ପ୍ରତିନିଧି କାର୍ଯ୍ୟକର୍ତାଙ୍କ ଉଦ୍ଦେଶ୍ୟରେ ଭାଷଣ ଦେଲେ । ଆପଣ କହିଲେ ଯେ ଆମର ଏହି ଜଲ୍‌ସା ଏଲାହି ଜଲ୍‌ସା ଅଟେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି ଅଲ୍ଲାଃତାଲା ଏଥି ନିମନ୍ତେ ଗୋଷ୍ଠୀ (କୌମେଁ) ପ୍ରସ୍ତୁତ କରିଛନ୍ତି । ଯେଉଁମାନେ ଖୁବ୍ ଶିଘ୍ର ଆସି ମିଶିଯିବେ । ଆସନ୍ନ ସମସ୍ତ ଅତିଥି କେବଳ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ଏହି ଜଲସା ପାଇଁ ଆସୁଛନ୍ତି । ତେଣୁ ସେମାନଙ୍କୁ ଯଥା ସମ୍ଭବ ଆରାମ ପହଂଚାଇବା ଆମର କର୍ତ୍ତବ୍ୟ ଅଟେ । ଆମେ ଏହି ଜଲସାର ପ୍ରସ୍ତୁତି ପାଇଁ ଏଠାରେ ଏକତ୍ରିତ ହୋଇଅଛେ । ଦୁଆ କରିବା ଯେ ଅଲ୍ଲାହତାଲା ଆମ ସମସ୍ତଙ୍କୁ ଉକ୍ତ ଦାୟିତ୍ୱ ତୁଲାଇବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ପୁଣି କହିଲେ ଯେ ଜଲସାର ପରିଚାଳନା ନିମନ୍ତେ ୩ଟି ବିଭାଗ, 'କୟାମ୍ ଓ୍ୱ ତାଆମ୍' (ଆବାସିକ ସ୍ଥାନ ଓ ଖାଦ୍ୟ ପରିବେଶଣ, ନମାଜ, ଦରସ୍ ଓ୍ୱ ତଦରିସ୍ ଏବଂ ଜଲସାର ପ୍ରୋଗାମ୍ ଓ ଖିଦ୍‌ମତେ ଖଲକ୍ (ଜନସେବା) ।

ଆପଣ କାର୍ଯ୍ୟକର୍ତାମାନଙ୍କ ଜଲସାରେ ଡ୍ୟୁଟି ପାଇଁ ଉପଦେଶମାନ ବ୍ୟକ୍ତ କଲେ ♦ ପ୍ରତ୍ୟେକ 'ରଜାକାର' (ନିଃସ୍ୱାର୍ଥସେବକ) ନିଜ ଡ୍ୟୁଟିରେ ଉପସ୍ଥିତ ରହିବେ ଏବଂ ପୁରା ଦାୟିତ୍ୱର ସହିତ କାର୍ଯ୍ୟ ତୁଲାଇବେ । ଅବହେଳା କରୁଥିବା କାର୍ଯ୍ୟକର୍ତାଙ୍କ 'ମୁନ୍ତଜିମ୍' (ପରିଚାଳକମାନେ) ସ୍ନେହର ସହିତ ବୁଝାଇବେ ♦ ସମସ୍ତ ରଜାକାରଙ୍କ କର୍ତବ୍ୟ ଅଟେ ଯେ ଯାହାକିଛି ସୁବିଧା ଅଛି ସେ ସବୁର ଉପଯୋଗ କରି ସମ୍ପୂର୍ଣ୍ଣ ଦାୟିତ୍ୱବୋଧତା ସହ କାର୍ଯ୍ୟ ତୁଲାଇବେ ♦ କୟାମ୍ ଗାଃ (ଅତିଥିଙ୍କ ଆବାସ ସ୍ଥଳୀ)ର ଘର ଓ ଗାଧୁଆଘର ଇତ୍ୟାଦିର ସଫେଇ ପାଇଁ ବିଶେଷ ଧ୍ୟାନ ଦେବେ ଓ ତାର ସର୍ବଦା ନିରୀକ୍ଷଣ ହେବା ଉଚିତ୍ ♦ ସିକ୍ୟୁରିଟି ବିଷୟରେ ମଧ୍ୟ ଧ୍ୟାନ ଆକର୍ଷଣ କରାଇ କହିଲେ ଯେ ହଜୁର୍ ଅନୁଓ୍ୱର୍ ସର୍ବଦା ଏହାର ଧ୍ୟାନ ଆକର୍ଷଣ କରାଉଛନ୍ତି ଯେ ଏହି ବିଭାଗ ବହୁତ ଗୁରୁତ୍ୱପୂର୍ଣ୍ଣ ବିଭାଗ ଅଟେ । ଦାୟିତ୍ୱ, ସତର୍କତା ଓ ବହୁତ ବିଜ୍ଞତାର ସହିତ ଏହି ଡ୍ୟୁଟି ଦିଅନ୍ତୁ । ତତ୍‌ସହିତ ପ୍ରତ୍ୟେକ ଡ୍ୟୁଟି ବହୁତ ଖୁସିର ସହିତ କରନ୍ତୁ ଯଦ୍ୱାରା କୌଣସି ଅତିଥି ଅଶାନ୍ତି ନହୁଅନ୍ତୁ ♦ ପ୍ରତ୍ୟେକ ବିଭାଗର ମୁନ୍ତଜିମ୍ ଓ ନାଏବ୍ ମୁନ୍ତଜିମ୍‌ଙ୍କ ମଧ୍ୟରୁ କେହି ଜଣେ ନିଶ୍ଚିତ ରୂପେ ଜାଗା ଉପରେ ଉପସ୍ଥିତ ରହିବେ ♦ ସବୁ ମୁନ୍ତଜିମ୍‌ମାନଙ୍କୁ ଏଥିପ୍ରତି ଧ୍ୟାନ ରଖିବାକୁ ହେବ ଯେ ଯଦିଚ ଏହା ଆମ ଦେଶର ଜଲସା କିନ୍ତୁ ପ୍ରତ୍ୟେକ ବର୍ଷ ଏହା ଦେଖିବାକୁ ମିଳୁଛି ଯେ ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକେ ଏଠାକୁ ଆସୁଛନ୍ତି । ସେମାନଙ୍କୁ ଗାଇଡ୍ କରିବା ବହୁତ ବଡ଼ ଦାୟିତ୍ୱ ଅଟେ । ହଜୁରଙ୍କ ଦୁଆ ଓ ଉପଦେଶାବଳୀ ଆମ ସାଥିରେ ଅଛି । ଆପଣଙ୍କ ନିକଟରୁ ସବୁ ବିଭାଗ ପାଇଁ ସବିଶେଷ ନିର୍ଦ୍ଦେଶାବଳୀ ଆମକୁ ମିଳୁଅଛି । ତେଣୁ ଆମ ପାଇଁ ଜରୁରୀ ଅଟେ ଯେ ଆମେ ଅଲ୍ଲାହଙ୍କ ପ୍ରଶଂସା ଗାନ କରିବା କି ଆମକୁ ସେବା କରିବାର ସୁଯୋଗ ମିଳିଛି । ତେଣୁ ପୁରା ପୁରି ଦାୟିତ୍ୱର ସହିତ ଏହି କିଛି ଦିନ କାଟିବା । ଅଲ୍ଲାହଙ୍କ ନିକଟରେ ଦୁଆ କରନ୍ତୁ କି ହଜରତ୍ ମସିହ୍ ମଉଦ୍ ଆଃସ ଙ୍କ ଦୁଆ ଆସନ୍ନ ଅତିଥିମାନଙ୍କ ନିମନ୍ତେ ଓ ଆମ ସମସ୍ତଙ୍କ ପାଇଁ ଗ୍ରହଣୀୟ ହେଉ ।

ଶେଷରେ ହଜୁରଙ୍କର ଜଲସା ସାଲାନା ପାଇଁ କିଛି ଉପଦେଶନାମା ପଢ଼ି ଶୁଣାଇଲେ । ଯାହାକୁ ହଜୁର୍ ଅନୁଓ୍ୱର ଜଲସା ସାଲାନା ୟୁ.କେ ୨୦୧୬ ରେ କାର୍ଯ୍ୟକର୍ତାଙ୍କ ନିରୀକ୍ଷଣ କରିବା ସମୟରେ ବ୍ୟକ୍ତ କରିଥିଲେ । ହଜୁର୍ ଅନୁଓ୍ୱର୍ କହିଲେ ଯେ ଆମେ ଯାହା କାର୍ଯ୍ୟ କରୁଅଛେ ତାହା ଅଲ୍ଲାହଙ୍କ ନିମନ୍ତେ ଓ ହଜରତ୍ ମସିହ୍ ମଉଦ୍ ଆଃସଙ୍କ ଅତିଥିଙ୍କ ନିମନ୍ତେ ଅଟେ । ତେଣୁ ଉକ୍ତ ଲକ୍ଷକୁ ପୁରା କରିବା ପାଇଁ ଓ ଅଲ୍ଲାହଙ୍କ ସାନିଧ୍ୟ ହାସଲ ପାଇଁ କାର୍ଯ୍ୟ ସହିତ ଆମର ଚରିତ୍ର (ଆଚାର ବ୍ୟବହାର) ମଧ୍ୟ ଉତମ ହେବା ଉଚିତ୍ । ସର୍ବଦା ହସ ହସ ଚେହେରା ସହିତ ସେବା କରିବା ଆବଶ୍ୟକ । ମଣିଷକୃତ କାର୍ଯ୍ୟ ଓ ପରିଚାଳନାର କାର୍ଯ୍ୟରେ ଅବଶ୍ୟ ତୃଟି ରହିଯାଏ । ତେଣୁ ସୁଧାର ମଧ୍ୟ ହେବା ଆବଶ୍ୟକ । ଯେପରି ଆମେ ଆମ କାମରେ ସୁଧାର ଆଣୁଛେ ସେହିପରି ଆମର ଆଚାର ବ୍ୟବହାରରେ ମଧ୍ୟ ସୁଧାର ଆଣିବା ଉଚିତ୍ ।

ସାଧାରଣତଃ ସମସ୍ତ କାର୍ଯ୍ୟକର୍ତା ଅଲ୍ଲାହଙ୍କ ଦୟାରୁ ସହୃଦୟତାର ସହିତ କାର୍ଯ୍ୟ କରୁଛନ୍ତି ଏବଂ ଲୋକମାନେ ଆପଣଙ୍କ କାର୍ଯ୍ୟରେ ବହୁତ ପ୍ରଭାବିତ ମଧ୍ୟ ହେଉଛନ୍ତି । କିନ୍ତୁ ବେଳେବେଳେ ଥରେ ଅଧେ ଭୁଲ୍ ପୁରା ଟିମ୍ ଉପରେ ଦାଗ ହୋଇ ପ୍ରଭାବ ପକାଇଥାଏ । ତେଣୁ ପ୍ରତ୍ୟେକ ସାହାଯ୍ୟକାରୀ, କାର୍ଯ୍ୟକର୍ତା, ନାଏବ୍ ଓ ଅଫିସ୍ ମଧ୍ୟ ଏହି ବିଷୟ ଉପରେ ଧ୍ୟାନ ରଖିବା ଉଚିତ୍ ଯେ ଏପରି କୌଣସି ଭୁଲ୍ ନ ହେଉ ଯାହା କୌଣସି ଅତିଥିଙ୍କ ପାଇଁ କଷ୍ଟକର ହେବ ବା ଏପରି କୌଣସି କଥା ନ ହେଉ ଯଦ୍ୱାରା ମ୍ୟାନେଜ୍‌ମେଂଟ୍‌ର ଦୋଷ ଦୁର୍ବଳତା ଦୃଷ୍ଟିଗୋଚର ହେବ । ଏହା ଟିକିଏ କାହିଁକି ନହେଉ । ତେଣୁ ପ୍ରତ୍ୟେକଙ୍କୁ ଏହା ମନେ ରଖିବା ଉଚିତ୍ ଯେ ସେ ସବୁବେଳେ ହସହସ ମୁହଁରେ ଓ ଉତମ ବ୍ୟବହାର ସହିତ ସେବା କରିବେ । ଅଲ୍ଲାହତାଲା ଆମ ସମସ୍ତଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

ସିକ୍ୟୁରିଟି ବାବଦରେ କହିଲେ ଯେ ପ୍ରତ୍ୟେକ କର୍ମୀଙ୍କ ଉପରେ ଏହା ପରମ କର୍ତବ୍ୟ ଅଟେ ଯେ ସେ ନିଜ ନିଜ ବିଭାଗରେ ସବୁ କ୍ଷେତ୍ରରୁ ଦୃଷ୍ଟି ରଖିବେ । କୌଣସି ମାମୁଲି ବିଷୟକୁ ମଧ୍ୟ ଅବହେଳା କରିବେ ନାହିଁ । ଯଦି ମାମୁଲି ଜିନିଷ ପ୍ରତି ଆଜିକାଲି ଧ୍ୟାନ ନ ଦେବ ଓ ଛୋଟଛୋଟ ବିଷୟ ଉପରେ ନଜର୍ ନ ରଖିବ ତାହେଲେ ଏହାର କୁ ପରିଣାମ ବହୁତ ଭୟଙ୍କର ହେବ । ସଂସାରରେ କିଛି ଲୋକ ମାନବତା ନାଁରେ କଳଙ୍କ ଅଟନ୍ତି । ଯେଉଁମାନେ ଇସ୍‌ଲାମ୍ ନାଁରେ ଜୁଲମ୍ କରୁଛନ୍ତି, ଯେଉଁମାନେ ମଣିଷର ଜିବନକୁ ନଷ୍ଟ କରୁଛନ୍ତି ସେମାନେ ଛୋଟ ଛୋଟ ଦୁର୍ବଳତାର ଅପେକ୍ଷାରେ ଥାଆନ୍ତି ଯେ କେଉଁଠାରେ ଦୁର୍ବଳତା ରହିଯିବ ସେଇଠି ସେମାନେ କ୍ଷତି ପହଂଚାଇବେ ।

ସର୍ବଦା ଏହାକୁ ମନେପକାଇ ଦିଆଯାଉଛି କାରଣ ବହୁତ କର୍ମୀ ଏପରି ଅଛନ୍ତି ଯେଉଁମାନେ ନମାଜ ସମୟରେ ବା ଜମାଅତ୍ (ଏକତ୍ର ନମାଜ ପାଠ) କରିପାରନ୍ତି ନାହିଁ । ପୁଣି ନିଜ ନିଜ ବିଭାଗର ଅଫିସରମାନଙ୍କୁ ଏହା ଉପରେ ଅମଳ କରାଇବା ଉଚିତ୍ ଯେ ସେମାନଙ୍କ ବିଭାଗରେ ଯେଉଁଠି ତାଙ୍କର ଦଫ୍‌ତର୍ ଅଛି ବା ଆଖପାଖରେ ଯେଉଁ କର୍ମୀ ଅଛନ୍ତି, ଯେବେ ସେମାନେ କାର୍ଯ୍ୟରୁ ବିରତ ହେବେ ତେବେ ବାଜମାଅତ୍ ନମାଜ ପାଠ କରନ୍ତୁ । କାରଣ ଆମର କାର୍ଯ୍ୟ ଦୁଆ ବ୍ୟତୀତ ସମ୍ପାଦନ ହୋଇପାରିବ ନାହିଁ । ତେଣୁ ଏହି କଥା ପ୍ରତି ସମସ୍ତେ ଧ୍ୟାନ ଦେବା ଉଚିତ୍ । ଏହା ହିଁ ଆମ ସଫଳତା ଓ ଉନ୍ନତିର ଚାବିକାଠି ଅଟେ ଯେ ଅଲ୍ଲାହଙ୍କ ଆଶିର୍ବାଦ ଆମ ଉପରେ ରହିଛି । ତେଣୁ ଅଲ୍ଲାହଙ୍କ ଆଶିର୍ବାଦ ପାଇବା ପାଇଁ ହେଲେ ତା ଦରବାରରେ ନତମସ୍ତକ ହେବା ଜରୁରୀ ଅଟେ ।

**(ଅଲଫଜଲ ଇଂଟରନ୍ୟାଶନାଲ୍ ୨୬ ଅଗଷ୍ଟ-୨୦୧୬, ପୃଷ୍ଠା-୧୦)**

ଦୁଆ ସହିତ କାର୍ଯ୍ୟକର୍ତାଙ୍କ ନିରୀକ୍ଷଣ ଉତ୍ସବ ସମାପ୍ତ ହେଲା ଏବଂ ତତ୍ ସହିତ ଜଲସା ସାଲାନାର ଡ୍ୟୁଟି ମଧ୍ୟ ଆରମ୍ଭ ହେଲା ।

**୨୬ ଡ଼ିସେମ୍ବର-୨୦୧୬ (ସୋମବାର)**

**ପ୍ରଥମ ଦିବସର ପ୍ରଥମ ସେଶନ୍**

ପ୍ରତ୍ୟୁଷରେ ବହୁତ କୁହୁଡ଼ି ହୋଇଥିଲେ ମଧ୍ୟ ଅହେମଦୀପ୍ରେମୀ ଜଲସା ଆରମ୍ଭ ହେବାର ୧ଘଂଟା ପୂର୍ବରୁ ସିକ୍ୟୁରିଟି ବ୍ୟବସ୍ଥାର ସୋପାନ ଗୁଡ଼ିକ ପାର ହୋଇ ଧୈର୍ଯ୍ୟର ସହିତ ଜଲସା ଗାଃ ରେ ପ୍ରବେଶ କଲେ । ପ୍ରାତଃ ଠିକ୍ ୧୦:୦୫ ସମୟରେ ହଜୁର୍ ଅନୁଓ୍ୱରଙ୍କ ପ୍ରତିନିଧି ଶ୍ରୀମାନ୍ ଜଲାଲୁଦ୍ଦିନ୍ ନୟର ସାହେବ ସଭାପତି ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିଆନ୍ 'ଲିଓ୍ୱାଏ ଅହେମଦୀୟତ' (ଅହେମଦୀୟତର ପତାକା) ଲହାରାଇ ଦୁଆ କରାଇଲେ । ସେ ସମୟରେ ଷ୍ଟେଜ୍ ଉପରୁ ନାରା ଲାଗିଲା ଯାହାର ଉତର ଖୁସି ଓ ଉତ୍ସାହର ସହିତ ଦର୍ଶକ ଦେଲେ ।

ଶ୍ରୀମାନ୍ ମୌଲାନା ଜଲାଲୁଦ୍ଦିନ୍ ନୟର୍ ସାହେବ ସଭାପତି ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିଆନ୍ ଏହି ସଭାର ସଭାପତିତ୍ୱ କରିଲେ । ପବିତ୍ର କୋରାନ୍‌ର ଆବୃତି ସହିତ ଜଲସାର ଶୁଭାରମ୍ଭ ହେଲା ଶ୍ରୀମାନ୍ ତାରିଖ ଅହେମଦ୍ ଲୋନ୍ ସାହେବ ସୁରା ଅମ୍ବେୟାର ଆୟତ୍ ନଂ ୨୦-୨୬ ପାଠ କଲେ ଏବଂ ଅନୁବାଦ ମଧ୍ୟ ପଢ଼ି ଶୁଣାଇଲେ । ତାପରେ ଜଲସାର ସଭାପତି ଭାଷଣ ପ୍ରଦାନ କଲେ । ଆପଣ ସମସ୍ତ ଉପସ୍ଥିତ ଶ୍ରୋତାଙ୍କୁ ଜଲସା ସାଲାନାର ମୋବାରକ୍‌ବାଦୀ ପେସ୍ କରି ଜଲସାର ଲକ୍ଷ୍ୟ ଓ ମହତ୍ୱ ବିଷୟରେ କହିଲେ । ହଜରତ୍ ମସିହ୍ ମଉଦ୍ ଆଃସ ଓ ଖଲିଫା ମାନଙ୍କ ଉପଦେଶାବଳୀ ମଧ୍ୟରୁ ହଜରତ୍ ମସିହ୍ ମଉଦ୍ ଆସଙ୍କ ଆବିର୍ଭାବର ଉଦ୍ଦେଶ୍ୟ ଏବଂ ଆମର କର୍ତବ୍ୟ ବିଷୟରେ ଅବଗତ କରାଇଲେ । ନିଜ ଭାଷଣ ଶେଷରେ ଆପଣ ଅନ୍‌ସାରୁଲ୍ଲାହ୍‌ର ବାର୍ଷିକ ଇଜ୍‌ତେମା-୨୦୧୬ ଉପଲକ୍ଷେ ହଜୁର ଅନୁଓ୍ୱରଙ୍କ ପ୍ରାପ୍ତ ବାର୍ତା ପଢ଼ି ଶୁଣାଇଲେ । ଯେଉଁଥିରେ ହଜୁର୍ ଖିଲାଫତ୍ ସହିତ ଦୃଢ଼ ସମ୍ପର୍କ ସ୍ଥାପନ କରିବା ପାଇଁ ଉପଦେଶ ଦେଇଥିଲେ । ଶେଷରେ ଦୁଆ କରାଇଲେ ଓ ତତ୍‌ସହିତ ପ୍ରଥମ ସଭାର ଔପଚାରିକ ଆରମ୍ଭ ହେଲା । ଶ୍ରୀମାନ୍ ଖାଲିଦ୍ ଓ୍ୱଲିଦ୍ ସାହେବ ହଜରତ୍ ମସିହ୍ ମଉଦ୍ ଆଃସଙ୍କ ମଞ୍ଜୁମ୍ କଲାମ୍ **(ଓ୍ୱଃ ଦେଖ୍‌ତା ହୈ ଗୈରୌଁ ସେ କ୍ୟୁଁ ଦିଲ୍ ଲଗାତେ ହୋ-ଜୋ କୁଛ୍ ବୁତୌଁ ମେଁ ପାତେ ହୋ ଉସ୍‌ମେଁ ଓ୍ୱହ୍ କ୍ୟା ନେହିଁ)** ବହୁତ ସୁନ୍ଦର ସ୍ୱରରେ ପଢ଼ିଲେ ।

ଶ୍ରୀମାନ୍ ମୌଲାନା ଜହିର୍ ଅହେମଦ୍ ଖାଦିମ୍ ସାହେବ ଏଡିଶିନାଲ୍ ନାଜିର୍ ଦାଓ୍ୱତେ ଇଲଲ୍ଲାହ ଦକ୍ଷିଣ ଭାରତ 'ହସ୍ତିବାରିତାଲା' (ତୌହିଦ୍ ବାରିତାଲା ଅର୍ ମଜାହିବେ ଆଲମ୍) ବିଷୟ ଉପରେ ବକ୍ତବ୍ୟ ଦେଲେ । ଆପଣ ସୁରା ଆଲେ ଇମ୍‌ରାନ୍‌ର ଆୟତ ନଂ-୬୫ ର ହାଓ୍ୱାଲା ଦେଇ କହିଲେ ଯେ ଅଲ୍ଲାହତାଲାଙ୍କୁ ଚିହ୍ନିବା ବାଇଁ ସର୍ବ ପ୍ରଥମେ ତାର ଅସ୍ତିତ୍ୱ ଓ ଗୁଣ ବିଶେଷ ଉପରେ ଜ୍ଞାନ ଆହରଣ କରିବାକୁ ପଡ଼ିବ । ଆପଣ ହଜରତ୍ ମହିହ୍ ମଉଦ୍ ଆଃସ ଙ୍କ ଲେଖାର ଗୋଟିଏ ପାରା ପଢ଼ି କହିଲେ ଯେ ବାସ୍ତବିକ୍ ତୌହିଦ୍ (ଏକେଶ୍ୱରବାଦ) ର ୩ଟି କିସମ ଅଛି । ପ୍ରଥମଟି ଅଲ୍ଲାହଙ୍କ ଜାତି, ଦ୍ୱିତୀୟଟି ଗୁଣ ବିଶେଷ, ତୃତୀୟଟି ନିଜର ପ୍ରେମ ଓ ନିଷ୍ଠାଳଙ୍କ ପ୍ରସଙ୍ଗରେ କାହାକୁ ସମକକ୍ଷ ନ କରାଇବା ଓ ତହିଁରେ ବିଲିନ ହୋଇଯିବା । ଆପଣ ହିନ୍ଦୁ, ଖ୍ରୀଷ୍ଟିଆନ୍, ଶିଖ୍ ଏବଂ ଇସ୍‌ଲାମୀୟ ଦୃଷ୍ଟି କୋଣରୁ ତୌହିଦ୍ ବର୍ଣ୍ଣନା କରି ଉକ୍ତ ବିଷୟରେ ହଜରତ୍ ମସିହ୍ ମଉଦ୍, ହଜରତ୍ ଖଲିଫତୁଲ୍ ମସିହ୍ ରାବେ ରଃଅ ଏବଂ ହଜରତ୍ ଖଲିଫତୁଲ୍ ମସିହ୍ ଖାମିସ୍

ଅବଶିଷ୍ଟାଂଶ ପୃଷ୍ଠା ନଂ-୧୧ ଦେଖନ୍ତୁ.....

# ଖୁତ୍‌ବା ଜୁମା

◆ ଆଜିକାଲି ଆମେ ଇସଲାମୀୟ ମାସ ରବିଉଲ୍ ଅୱ୍ୱଲ ମଧ୍ୟ ଦେଇ ଗତି କରୁଅଛେ । ଏହି ମାସର ଗୁରୁତ୍ୱ ଏଥିପାଇଁ ରହିଛି ଯେ, ଐତିହାସିକମାନଙ୍କ ମତରେ ଏହି ମାସର ୧୨ ତାରିଖରେ ହଜରତ ମହମ୍ମଦ ସ.ଆଙ୍କର ଜନ୍ମ ହୋଇଥିଲା ।

◆ କିନ୍ତୁ ଦୁଃଖର ବିଷୟ ଯେ, ସମଗ୍ର ସଂସାର ପାଇଁ ଦୟାର ସାଗର ହୋଇ ଆସିଥିବା ଏହି ଅବତାରଙ୍କ ଜନ୍ମ ଦିନକୁ ମୁସଲମାନମାନେ ପାଳନ ତ କରୁଛନ୍ତି କିନ୍ତୁ ସେମାନଙ୍କ ହୃଦୟରେ ପରସ୍ପର ପାଇଁ ଫାଟ ସୃଷ୍ଟି ହୋଇଯାଇଛି । ଅଲ୍ଲାଃତାଲା ତ ମୁସଲମାନମାନଙ୍କ ମଧ୍ୟରେ ଏପରି ସମ୍ପର୍କ ଚାହୁଁ ଥିଲେ କି **ରୁହମାଉ ବଏନାହୁମ୍** ଅର୍ଥାତ ପରସ୍ପର ପ୍ରତି ଅତ୍ୟଧିକ ଦୟା ଆଚରଣ କରୁଥିବେ । କିନ୍ତୁ ଦୟା କରିବା ତ ଦୂରର କଥା ସେମାନେ ବର୍ତ୍ତମାନ ପରସ୍ପରର ରକ୍ତ ପିପାସୁ ପାଲଟି ଯାଇଛନ୍ତି । ଯେପରିକି ଆମ୍ଭେମାନେ ପ୍ରତି ଦିନ (ଖବର) ଶୁଣୁଛେ ଯେ ଶହ ଶହ ମୁସଲମାନଙ୍କୁ ମୁସଲମାନମାନେ ହତ୍ୟା କରିଦେଉଛନ୍ତି ।

◆ ଯେତେବେଳେ କି ଏପରି କାର୍ଯ୍ୟ ଅଲ୍ଲାଃ ଓ ରସୁଲଙ୍କୁ ଅତ୍ୟନ୍ତ ନାପସନ୍ଦ ଅଟେ । ଜଣେ ମୁସଲମାନ ଆଉ ଜଣେ ମୁସଲମାନକୁ ହତ୍ୟା କରୁଛି ତାହା ମଧ୍ୟ ଅଲ୍ଲାଃ ଓ ରସୁଲଙ୍କ ନାମ ନେଇ । ସେହି ଅଲ୍ଲାଃ ଯେ କି **ରବ୍‌ବୁଲ୍ ଆଲମିନ୍** ଅର୍ଥାତ ସମସ୍ତ ଜଗତର ପାଳନକର୍ତ୍ତା ତଥା **ରହେମାନ ଓ ରହିମ** ଅଟନ୍ତି । ପୁଣି ସେ ରସୁଲ ଯେ ସମଗ୍ର ସଂସାରବାସୀଙ୍କ ପାଇଁ ଦୟାର ସାଗର ଥିଲେ ତାଙ୍କ ନାମରେ ଏସବୁ ଅତ୍ୟାଚାର ଓ ବର୍ବର କାଣ୍ଡ କରାଯାଉ ଅଛି । ନିରିହ ଆବାଳ ବୃଦ୍ଧବନିତାଙ୍କୁ ଘରୁ ବେଘର କରାଯାଉଅଛି । ନିର୍ବସ ଓ ଭୋକିଲା ରଖିବା ତଥା ହତ୍ୟା କରାଯାଉଅଛି । ଅଲ୍ଲାଃଙ୍କ ନାମରେ ଏସମସ୍ତ କାର୍ଯ୍ୟ ଅତ୍ୟନ୍ତ ନିଲର୍ଯ୍ୟ ତଥା କଠୋରତାର ସହ କରାଯାଉଅଛି ।

◆ ପ୍ରତ୍ୟେକ ମୁସଲମାନର ଏହି ବିଶ୍ୱାସ ରହିଛି କି ହଜରତ ମହମ୍ମଦ ସ.ଆ ଖାତମୁନ ନବୀଇନ୍ ଅଟନ୍ତି ଏବଂ ଆପଣଙ୍କ ଠାରେ ଶରିୟତ୍‌ର ଅନ୍ତ ଘଟିଛି । ଏହାକୁ ବାଦ ଦେଇ କେହି କଦାପି ମୁସଲମାନ ଭାବରେ ପରିଗଣିତ ହୋଇନଥାଏ । କିନ୍ତୁ ଏହି ବିଭ୍ରାଟ ସୃଷ୍ଟିକାରୀ ମୌଲବୀମାନେ ସାଧାରଣ ଲୋକମାନଙ୍କ ଭାବନା ସହ ଖେଳିବା ସହ ସେମାନଙ୍କୁ ଶିକ୍ଷା ଦେଇଥାନ୍ତି କି ଅହେମଦିମାନେ ହଜୁର ସ.ଆଙ୍କୁ ଖାତମୁନ୍ ନବୀଇନ୍ ସ୍ୱୀକାର କରୁନାହାନ୍ତି । ଏଥିରେ **ଇନ୍ନା ଲିଲ୍ଲାଃ** ପାଠ କରି **ଲାନତୁଲ୍ ଲାହି ଅଲଲ୍ କାଯିବିଇନ୍** ବ୍ୟତୀତ ଅନ୍ୟ କିଛି କୁହାଯାଇ ନପାରେ । କାରଣ ଯେଉଁ ଅହେମଦି ହଜରତ ମହମ୍ମଦ ସ.ଆଙ୍କୁ ଖାତମୁନ୍ ନବୀଇନ୍ ହେବାର ବିଶ୍ୱାସ ରଖିନଥାଏ, ସେ ମିଥ୍ୟାବାଦୀ ଓ ଅଣମୁସଲମାନ ଅଟେ । ଏପରି ବ୍ୟକ୍ତି ସହ ଜମାଅତ ଅହେମଦିୟାର କୌଣସି ସମ୍ପର୍କ ନାହିଁ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ: ୧୬ ଡ଼ିସେମ୍ବର ୨୦୧୬ ଅନୁଯାୟୀ ୧୬ ଫତାଃ ୧୩୯୫ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ

أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ

اَلْحَمْدُ لِلّٰهِ رَبِّ الْعَالَمِينَ ۔ اَلرَّحْمٰنِ الرَّحِيمِ ۔ مٰلِكِ يَوْمِ الدِّينِ ۔ اِيَّاكَ نَعْبُدُ وَاِيَّاكَ نَسْتَعِينُ

اِهْدِنَا الصِّرَاطَ الْمُسْتَقِيمَ ۔ صِرَاطَ الَّذِينَ اَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّآلِّينَ

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନଓ୍ୱର ଅ:ବ କହିଲେ- ଆଜିକାଲି ଆମେ ଇସଲାମୀୟ ମାସ ରବିଉଲ୍ ଅୱ୍ୱଲ ମଧ୍ୟ ଦେଇ ଗତି କରୁଅଛେ । ଇସଲାମୀୟ ଦେଶମାନ ବିଶେଷ କରି ପାକିସ୍ତାନରେ ଏହି ମାସର ଗୁରୁତ୍ୱ ଏଥିପାଇଁ ରହିଛି ଯେ, ଐତିହାସିକମାନଙ୍କ ମତରେ ଏହି ମାସର ୧୨ ତାରିଖରେ ହଜରତ ମହମ୍ମଦ ସ.ଆଙ୍କର ଜନ୍ମ ହୋଇଥିଲା । ହଜରତ ମର୍ଜା ବଶିର ଅହେମଦ୍ ସାହେବ ନିଜ ପୁସ୍ତକ **ସିରତ ଖାତମୁନ ନବୀଇନ୍** ରେ ଲେଖିଛନ୍ତି ଯେ, ଜଣେ ମିଶରୀୟ ଐତିହାସିକଙ୍କ ମତରେ ହଜୁର ସ.ଆଙ୍କ ଜନ୍ମ ୯ ରବିଉଲ୍ ଅୱ୍ୱଲ୍ ଅଟେ । **(ସିରତ୍ ଖାତମନ୍ ନବିଇନ୍ ହଜ୍‌ରତ୍ ସାହେବ୍‌ଜାଦା ମିର୍‌ଜା ବଶିର୍ ଅହେମଦ୍ ସାହେବ୍ ର:ଅ ଏମ୍.ଏ ଙ୍କ ଲିଖିତ ପୃଷ୍ଠା-୯୩)**

ସେ ଯାହା ହେଉ ଏହି ମାସରେ ହିଁ ଆମ୍ଭ ପ୍ରିୟ ନବୀ ହଜରତ ମହମ୍ମଦ ମୁସ୍ତଫା ସ.ଆଙ୍କର ଜନ୍ମ ହୋଇଥିଲା କିନ୍ତୁ ଦୁଃଖର ବିଷୟ ଯେ, ସମଗ୍ର ସଂସାର ପାଇଁ ଦୟାର ସାଗର ହୋଇ ଆସିଥିବା ଏହି ଅବତାରଙ୍କ ଜନ୍ମ ଦିନକୁ ମୁସଲମାନମାନେ ପାଳନ ତ କରୁଛନ୍ତି କିନ୍ତୁ ସେମାନଙ୍କ ହୃଦୟରେ ପରସ୍ପର ପାଇଁ ଫାଟ ସୃଷ୍ଟି ହୋଇଯାଇଛି । ଅଲ୍ଲାଃତାଲା ତ ମୁସଲମାନମାନଙ୍କ ମଧ୍ୟରେ ଏପରି ସମ୍ପର୍କ ଚାହୁଁ ଥିଲେ କି **ରୁହମାଉ ବଏନାହୁମ୍** ଅର୍ଥାତ ପରସ୍ପର ପ୍ରତି ଅତ୍ୟଧିକ ଦୟା ଆଚରଣ କରୁଥିବେ । କିନ୍ତୁ ଦୟା କରିବା ତ ଦୂରର କଥା ସେମାନେ ବର୍ତ୍ତମାନ ପରସ୍ପରର ରକ୍ତ ପିପାସୁ ପାଲଟି ଯାଇଛନ୍ତି । ଯେପରିକି ଆମ୍ଭେମାନେ ପ୍ରତି ଦିନ (ଖବର) ଶୁଣୁଛେ ଯେ ଶହ ଶହ ମୁସଲମାନଙ୍କୁ ମୁସଲମାନମାନେ ହତ୍ୟା କରିଦେଉଛନ୍ତି । ଯେତେବେଳେ କି ଏପରି କାର୍ଯ୍ୟ ଅଲ୍ଲାଃ ଓ ରସୁଲଙ୍କୁ ଅତ୍ୟନ୍ତ ନାପସନ୍ଦ ଅଟେ । ଜଣେ ମୁସଲମାନ ଆଉ ଜଣେ ମୁସଲମାନକୁ ହତ୍ୟା କରୁଛି ତାହା ମଧ୍ୟ ଅଲ୍ଲାଃ ଓ ରସୁଲଙ୍କ ନାମ ନେଇ । ସେହି ଅଲ୍ଲାଃ ଯେ କି **ରବ୍‌ବୁଲ୍ ଆଲମିନ୍** ଅର୍ଥାତ ସମସ୍ତ ଜଗତର ପାଳନକର୍ତ୍ତା ତଥା **ରହେମାନ ଓ ରହିମ** ଅଟନ୍ତି । ପୁଣି ସେ ରସୁଲ ଯେ ସମଗ୍ର ସଂସାରବାସୀଙ୍କ ପାଇଁ ଦୟାର ସାଗର ଥିଲେ ତାଙ୍କ ନାମରେ ଏସବୁ ଅତ୍ୟାଚାର ଓ ବର୍ବର କାଣ୍ଡ କରାଯାଉ ଅଛି । ନିରିହ ଆବାଳ ବୃଦ୍ଧବନିତାଙ୍କୁ ଘରୁ ବେଘର କରାଯାଉଅଛି । ନିର୍ବସ ଓ ଭୋକିଲା ରଖିବା ତଥା ହତ୍ୟା କରାଯାଉଅଛି । ଅଲ୍ଲାଃଙ୍କ ନାମରେ ଏସମସ୍ତ କାର୍ଯ୍ୟ ଅତ୍ୟନ୍ତ ନିଲର୍ଯ୍ୟ ତଥା କଠୋରତାର ସହ କରାଯାଉଅଛି । ଅଲ୍ଲାଃତାଲା ତ କୁହନ୍ତି କି ଜଣେ ମୁସଲମାନଙ୍କୁ ଜାଣି ବୁଝି ହତ୍ୟା କଲେ ତୁମକୁ ନର୍କର ସାସ୍ତୀରୁ କେହି ରକ୍ଷା କରିପାରିବେ ନାହିଁ । କିନ୍ତୁ ଏହି ଧର୍ମର ଠିକାଦାର ତଥା ସ୍ୱାର୍ଥପର ମୁଖିଆମାନେ ସାଧାରଣ ଓ ସ୍ୱଳ୍ପ ଶିକ୍ଷିତ ମୁସଲମାନମାନଙ୍କୁ ଜନ୍ନତ ହାସଲ କରିବା ନାମରେ ପ୍ରବତାଇ ଏପରି କାର୍ଯ୍ୟରେ ନିୟୋଯିତ କରାଉଛନ୍ତି । ଇସଲାମକୁ ଏମାନେ ଏଭଳି ବଦନାମ କରୁଛନ୍ତି ଯେ, ଆଜି ଅଣମୁସଲମାନମାନଙ୍କ ମନରେ ଇସଲାମର ଏକ ଅତ୍ୟାଚାରୀ ଓ ବର୍ବର ଛବି ଆଙ୍କି ହୋଇଯାଇଛି । ହଁ ଗୋଟିଏ କଥା ଯେଉଁ ଥିରେ ଏହି ନାମକୁ ମାତ୍ର ମୁସଲମାନ ମୁଖୀଆ ତଥା ମୌଲବୀମାନେ ଏକମତ ହୋଇ ପରସ୍ପରର ସାହାର୍ଯ୍ୟ କରିଥାନ୍ତି, ତାହା ଏହିକି ଯେ ଅଲ୍ଲାଃ ଓ ରସୁଲ ଯେଉଁ କାର୍ଯ୍ୟ ନକରିବା ପାଇଁ ଆଦେଶ ଦେଇଛନ୍ତି ତାହା କରିବା । ଦେଖ ଅଲ୍ଲାଃ ଓ ରସୁଲ କହିଛନ୍ତି କି ଯେତେବେଳେ ମୁସଲମାନମାନଙ୍କ ଅବସ୍ଥା **କୁଲୁବୁହୁମ୍ ଶତ୍‌ତା** ଅର୍ଥାତ ସେମାନେ ପରସ୍ପର ପ୍ରତି ନିଷ୍ଠୁର ପାଲଟି ପରସ୍ପରର ହତ୍ୟା କରିବେ । ସେତେବେଳେ ମୁସଲାମମାନେ ନିଜ ମୌଲବୀମାନଙ୍କ ନିକଟକୁ ମାର୍ଗ ଦର୍ଶନ ନିମନ୍ତେ ଯିବେ କିନ୍ତୁ ସେମାନେ ମୌଲବୀମାନଙ୍କ ଅବସ୍ଥା ସେହିପରି ଦେଖିବାକୁ ପାଇବେ ଯେପରିକି ସେମାନଙ୍କ ନିଜର ଥିବ ବରଂ ତାଠାରୁ ଆହୁରି ନିମ୍ନ ଶ୍ରେଣୀର ଅର୍ଥାତ ମୌଲବୀମାନେ ସ୍ୱୟଂ ସେହିପରି କାର୍ଯ୍ୟରେ ଲିପ୍ତ ଥିବେ । ଯାହାକି ତାଙ୍କୁ ଅଲ୍ଲାଃଙ୍କ ଠାରୁ ଦୂରେଇ ଦେଉଥିବ । ଯେପରିକି ହଜୁର ସ.ଆ କହିଛନ୍ତି **ଉଲମାହୁମ୍ ଶରରୁ ମିନ୍ ତହ୍‌ତା**

ଅଦିମିସ୍ ସମାଏ ।

ଅର୍ଥାତ ମୌଲବୀମାନେ ଆକାଶ ତଳେ ଥିବା ପ୍ରାଣୀମାନଙ୍କ ମଧ୍ୟରେ ସବୁଠାରୁ ଘୃଣ୍ୟ ହୋଇଯିବେ । ଏଥିପାଇଁ କି ସେମାନଙ୍କ ଦ୍ୱାରା ସମସ୍ତ ପ୍ରକାରର ବିଭ୍ରାଟ ଉପୁଯିବ । ଆଜି ଆମେ ଅଧିକାଂଶ ମୌଲବୀମାନଙ୍କ ଅବସ୍ଥା ଏହିପରି ପରିଲକ୍ଷିତ କରୁଅଛେ କି ନିଆଁ ଲିଭାଇବା ପରିବର୍ତ୍ତେ ସେମାନେ ନିଆଁ ପ୍ରଜ୍ୱଳିତ କରୁଛନ୍ତି । ସୁତରାଂ ହଜୁର ସ.ଆ ଏପରି ଅବସ୍ଥାର ନକ୍ସା ଟାଣି କହିଥିଲେ- ଏପରି ଅବସ୍ଥାରେ ଇସଲାମ ପ୍ରତି ଦରଦ୍ ରଖୁଥିବା ମୁସଲମାନମାନେ ଦୁଃଖ ପ୍ରକାଶ କରି ଭାଙ୍ଗି ପଡ଼ିବାର ଆବଶ୍ୟକତା ନାହିଁ କାରଣ ସେହି ସମୟରେ ପ୍ରତିଶୃତ ମସିହ ଓ ମେହଦିଙ୍କର ଆଗମନ ହେବ ଯେ ହଜୁର ସ.ଆଙ୍କର ପୂର୍ଣ୍ଣ ଦାସତ୍ୱ ଗ୍ରହଣ କରିବା ଯୋଗୁଁ ମୁସଲମାନ ଓ ଅଣମୁସଲମାନମାନଙ୍କୁ ଇସଲାମର ସତ୍ୟାସତ୍ୟ ସହ ଅବଗତ କରାଇବା ସହିତ ଇସଲାମର ସୁନ୍ଦର ଓ ପ୍ରକାଶମୟ ଶିକ୍ଷା ଦ୍ୱାରା ସଂସାରକୁ ଆଲୋକିତ କରିବେ ଏବଂ ପୁନର୍ବାର ଇସଲାମକୁ ଗୋଟିଏ ସମ୍ପ୍ରଦାୟ କରିଦେବେ । କିନ୍ତୁ ଯେପରିକି ମୁଁ କହିଲି ମୌଲବିମାନେ ତାଙ୍କର ଅବମାନନା ଓ ଅସ୍ୱୀକାର କରିବେ ତଥା ସାଧାରଣ ମୁସଲାମନମାନଙ୍କୁ ଭ୍ରମିତ କରି ବିଭ୍ରାଟ ସୃଷ୍ଟି କରିବେ । ଲୋକମାନଙ୍କ ଭାବନା ସହ ଖେଳିବେ ଏବଂ ବିଭ୍ରାଟ ସୃଷ୍ଟି କରିବା ନିମନ୍ତେ ଲୋକମାନଙ୍କୁ ଏପରି ପ୍ରବର୍ତାଇବେ ଯାହାର କୌଣସି ସତ୍ୟାସତ୍ୟ ନଥିବ ।

ପ୍ରତ୍ୟେକ ମୁସଲମାନର ଏହି ବିଶ୍ୱାସ ରହିଛି କି ହଜରତ ମହମ୍ମଦ ସ.ଆ ଖାତମୁନ ନବୀଇନ୍ ଅଟନ୍ତି ଏବଂ ଆପଣଙ୍କ ଠାରେ ଶରିୟତ୍‌ର ଅନ୍ତ ଘଟିଛି । ଏହାକୁ ବାଦ ଦେଇ କେହି କଦାପି ମୁସଲମାନ ଭାବରେ ପରିଗଣିତ ହୋଇନଥାଏ । କିନ୍ତୁ ଏହି ବିଭ୍ରାଟ ସୃଷ୍ଟିକାରୀ ମୌଳବୀମାନେ ସାଧାରଣ ଲୋକମାନଙ୍କ ଭାବନା ସହ ଖେଳିବା ସହ ସେମାନଙ୍କୁ ଶିକ୍ଷା ଦେଉଥାନ୍ତି କି ଅହେମଦିମାନେ ହଜୁର ସ.ଆଙ୍କୁ ଖାତମୁନ୍ ନବୀଇନ୍ ସ୍ୱୀକାର କରୁନାହାନ୍ତି । ଏଥିରେ **ଇନ୍ନା ଲିଲ୍ଲାଃ** ପାଠ କରି **ଲାନତୁଲ୍ ଲାହି ଅଲଲ୍ କାଯିବିଇନ୍** ବ୍ୟତୀତ ଅନ୍ୟ କିଛି କୁହାଯାଇ ନପାରେ । କାରଣ ଯେଉଁ ଅହେମଦି ହଜରତ ମହମ୍ମଦ ସ.ଆଙ୍କୁ ଖାତମୁନ୍ ନବୀଇନ୍ ହେବାର ବିଶ୍ୱାସ ରଖିନଥାଏ, ସେ ମିଥ୍ୟାବାଦୀ ଓ ଅଣମୁସଲମାନ ଅଟେ । ଏପରି ବ୍ୟକ୍ତି ସହ ଜମାଅତ ଅହେମଦିୟାର କୌଣସି ସମ୍ପର୍କ ନାହିଁ । ଏହା ସତ୍ୟ ଯେ ଖତମେ ନବୁଓ୍ୱତର ସଂଜ୍ଞା ଯାହା ହଜରତ ମହମ୍ମଦ ସ.ଆ ଦର୍ଶାଇଥିଲେ ଏବଂ ଯାହା ପବିତ୍ର କୋରାନରେ ରହିଛି ତଦନୁଯାୟୀ ଜମାଅତ ବର୍ଣ୍ଣନା କରିଥାଏ । ବର୍ତ୍ତମାନ ଏପରି କୌଣସି ନବୀ ଆସି ପାରିବେ ନାହିଁ ଯେ ହଜରତ ମହମ୍ମଦ ସ.ଆଙ୍କ ଦାସତ୍ୱ ଗ୍ରହଣ ନକରୁଥିବେ ଏବଂ ଆପଣ ଆଣିଥିବା ଶରିୟତ୍ ବ୍ୟତୀତ ଆଉ କିଛି ନେଇ ଆସିବେ । ଏକଦା ହଜୁର ସ.ଆ କହିଲେ- ହଜରତ ଅବୁବକର ଏହି ସମ୍ପ୍ରଦାୟର ସବୁଠାରୁ ଉତମ ପୁରୁଷ ଯଦିଚ କୌଣସି ନବୀ ଅବତିର୍ଣ୍ଣ ନହୁଅନ୍ତି । **(କନଜୁଲ୍ ଆମାଲ୍ ଖଣ୍ଡ-୧୧, ପୃଷ୍ଠା-୨୫୧, ହଦିସ୍ ନଂ-୩୨୫୭୫, ମୁଦ୍ରଣ-ବେରୁତ୍ ୨୦୦୪ ମସିହା)** ।

ସୁତରାଂ ଆପଣ ନବୀ ଆସିବାର ଦ୍ୱାର ବନ୍ଦ କରି ନାହାନ୍ତି କିନ୍ତୁ ହଜରତ ମହମ୍ମଦ ସ.ଆଙ୍କ ଅବଜ୍ଞାକାରୀ ହୋଇ ନା କେହି ନବୀ ହେବାର ସୌଭାଗ୍ୟ ଲାଭ କରିପାରିବେ, ନା କୌଣସି ନୂତନ ଶରିୟତ୍ ଆସିବ । ଯଦି ଆମେ ହଜରତ ମିର୍ଜା ଗୁଲାମ ଅହେମଦ କାଦିଆନୀ ଆ.ସଙ୍କୁ ମସିହ ଓ ମେହଦି ସ୍ୱୀକାର କରୁଅଛୁ ତେବେ କେବଳ ହଜୁର ସ.ଆଙ୍କ ପୂର୍ଣ୍ଣ ଦାସତ୍ୱ ଯୋଗୁଁ ଏବଂ ପୁରୁଣା ଧାର୍ମିକ ବିଦ୍ୱାନମାନଙ୍କର ମଧ୍ୟ ଏହି ବିଶ୍ୱାସ ଥିଲା ।

ସୁତରାଂ ଶାହା ଓ୍ୱଲି ଅଲ୍ଲାଃ ଦେହେଲ୍ଲଇ ର:ଅ ନିଜ ପୁସ୍ତକ **'ତଫ୍ ହି ମାତେ ଇଲାହିୟା'** ରେ ଲେଖୁଛନ୍ତି ଯେ 'ମୋ ଉପରେ ନବୀ ଶେଷ କରାଗଲା (ଏହି ଉକ୍ତି ଆଁ ହଜ୍‌ରତ୍ ସ:ଆ:ସ ଙ୍କର ଅଟେ) । ଏହାର ଅର୍ଥ ଏହା ନୁହେଁ ଯେ ଏପରି କେହି ଆସିବେ ନାହିଁ ଯାହାଙ୍କୁ ଅଲ୍ଲାଃତାଲା ଲୋକମାନଙ୍କ ନିମନ୍ତେ ଶରିୟତ୍ ଦେଇ ପଠାଇବେ । **(ତଫ୍ ହି ମାତେ ଇଲାହିୟା, ଶାହା ଓ୍ୱଲି ଅଲ୍ଲାଃ ଦେହେଲୁଇ ର:ଅ ଖଣ୍ଡ-୨, ପୃଷ୍ଠା-୮୫, ମୁଦ୍ରଣ-ଲାହୋର ୧୯୬୭)** ଏହାର ଅର୍ଥ କେବଳ ଏହା ଅଟେ ଯେ କୌଣସି ଏପରି ନବୀ ଆସିବେ ନାହିଁ ଯିଏ ଶରିୟତ୍ ଆଣିବେ । କିନ୍ତୁ ଏତଦ୍ ଭିନ୍ନ ନବୀ ଆସି ପାରିବେ ।

ଏହିପରି ହଜ୍‌ରତ୍ ଆଇଶା ର:ଅ କହିଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଖାତମୁଲ୍ ଅମ୍ବେୟା ତ କୁହ କିନ୍ତୁ ଏପରି କୁହନାହିଁ ଯେ ଆପଣଙ୍କ ପରେ କୌଣସି ନବୀ ଆସିବେ ନାହିଁ ବୋଲି । **(ଅଦ୍‌ଦାରୁଲ୍ ମନ୍‌ସୁର୍ ଖଣ୍ଡ-୫, ପୃଷ୍ଠା-୨୦୪, ତଫ୍‌ସିର୍ ସୁରତୁଲ୍ ଅହ୍‌ଜାବ୍, ମୁଦ୍ରଣ-ବେରୁତ୍)** ତେଣୁ ଆମେ ଯଦି ମିର୍‌ଜା ଗୁଲାମ୍ ଅହେମଦ୍ କାଦିଆନି ଆ:ସ ଙ୍କୁ ମସିହ୍ ମଉଦ୍ ରୂପେ ମାନି ନବୀର ସ୍ଥାନ ଦେଉଅଛୁ ତାହା କେବଳ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଦାସତ୍ୱ ଦ୍ୱାରା ହିଁ ମିଳିଛି । ତେଣୁ ବେଳେବେଳେ ଓ୍ୱଲେମାମାନେ ସାଧାରଣ ଲୋକଙ୍କୁ ଏହି ସମ୍ବେଦନଶୀଳ କଥା କହି ଉସୁକାଉଥାନ୍ତି ଯେ ଅହେମଦୀମାନେ ବା ସେମାନଙ୍କ କହିବା ଅନୁସାରେ କାଦିଆନି ମିର୍‌ଜା ଗୁଲାମ୍ ଅହେମଦ୍ ଆ:ସ ଙ୍କୁ ନବୀ ରୂପେ ମାନୁଛନ୍ତି । ସେମାନଙ୍କର ଏପରି କହିବା କେବଳ ଫିତ୍‌ନା ଛଡ଼ା କିଛି ନୁହେଁ ।

ପାକିସ୍ତାନ୍‌କୁ ବହୁତ ଗର୍ବ ହେଉଛି ଯେ ସେମାନେ ସେ ସମୟରେ ଯେତେବେଳେ କାନୁନ୍ ପାସ୍ ହେଲା ଏବଂ ଏବେ ତାକୁ ୧୨୫ ବର୍ଷ ହୋଇଗଲାଣି ୯୦ ବର୍ଷର ମାମଲା, ଏହା ଖତ୍‌ମେ ନବୁଅତ୍‌ର ମାମଲା ଥିଲା ଯାହାକୁ ସେମାନେ ଶେଷ କରିଦେଲେ । ଏହି କଥା ଉପରେ ପାକିସ୍ତାନ୍‌ର ଓ୍ୱଲେମାମାନେ ମଧ୍ୟ ଏବଂ କିଛି ସରକାରୀ କର୍ମୀ ମଧ୍ୟ ଲୋକଙ୍କ ଆବେଗକୁ ଉସୁକାଉଛନ୍ତି । ଏହା ତ ଏପରି ଅବସ୍ଥା ଯାହାର ଭବିଷ୍ୟବାଣୀ ଆଁ ହଜ୍‌ରତ୍ ସ:ଆ:ସ କରିଥିଲେ । ସାଧାରଣ ଲୋକ ଓ୍ୱଲେମାଙ୍କ କଥା ନ ଶୁଣି ଏହା ଦେଖିବା ଉଚିତ୍ ଯେ କ'ଣ ଏ ଯୁଗ ଦରକାର କରୁନାହିଁ ଯେ ଜଣେ ମୁସ୍‌ଲେହ ଆସନ୍ତୁ ଯାହାର ଭବିଷ୍ୟବାଣୀ ଆଁ ହଜ୍‌ରତ୍ ସ:ଆ:ସ କହିଥିଲେ ଏବଂ ସେ ଆସି ମୁସଲ୍‌ମାନଙ୍କୁ ଗୋଟିଏ ଉମତ୍ ରୂପେ ବନାନ୍ତୁ । ବାସ୍ତବରେ ଏହା ସେହି ଯୁଗ ଅଟେ ଏବଂ ଅଲ୍ଲାଃତାଲା ତାହା ପୁରା ମଧ୍ୟ କରିଦେଇଛି । କିନ୍ତୁ ସେହି ଓ୍ୱଲେମାମାନେ ମାନିବେ ନାହିଁ କାରଣ ତାଙ୍କର ମେମ୍ବର ଓ ତାଙ୍କର ଯେଉଁ ରୋଜି ରୋଟି ଲାଗିଛି ତାହା ତାଙ୍କ ହାତରୁ ଚାଲିଯିବ । ଏମାନେ ମୁସଲ୍‌ମାନ୍‌ମାନଙ୍କୁ ଭଡ଼କାଇ ଚାଲିବେ ଏବଂ ଯେପରିକି ମୁଁ କହିଲି ପାକିସ୍ତାନ୍‌ର ଦେଶୀୟ କାନୁନ୍ ମଧ୍ୟ ସେମାନଙ୍କୁ ସମ୍ପୂର୍ଣ୍ଣ ଛାଡ଼ିଦେଇଛି । ତେଣୁକରି ବେଳେବେଳେ ଅହେମଦୀଙ୍କ ଖିଲାଫ୍‌ରେ ଉକ୍ତ ଇଲ୍‌ଜାମ୍ ପାଇଁ ଜଲ୍‌ସା ଜୋଲୁସ୍ ଏବଂ ଗାଳିଗୁଲଜ ମଧ୍ୟ କରି ଚାଲିଛନ୍ତି । କିନ୍ତୁ ଏହି କୁ ଭାଷା ଓ କୁ ଚରିତ୍ର ସେହି ମୌଲବୀମାନଙ୍କୁ ମୋବାରକ୍ ହେଉ । ଏହି କାମ ସେମାନେ ହିଁ କରିପାରିବେ । କିନ୍ତୁ ଅହେମଦୀ ଏପରି କୁ ଆଚରଣର ମୁକାବିଲା କରିପାରିବେ ନାହିଁ ।

୧୨ ରବିଉଲ୍ ଅୱଲ ପରିପ୍ରେକ୍ଷୀରେ ହଜୁର ସ.ଆଙ୍କ ଅନ୍ତେ କୌଣସି ନବୀ ଆସିବେ ନାହିଁ, ବିଶ୍ୱାସ ରଖୁଥିବା କିଛି ଲୋକ ତଥା ମୌଲବୀ ଏକତ୍ରିତ ହୋଇ ପାକିସ୍ତାନରେ ଖତମେ ନବୁଓ୍ୱତ୍ ନାମରେ ଆମ୍ଭ ମସଜିଦ୍ ଉପରେ ଆକ୍ରମଣ କରିଥିଲେ । ମସଜିଦ୍ ଭିତରେ ଅହେମଦିମାନେ ଥିଲେ ଓ ସେମାନେ ମସଜିଦ୍ ଦ୍ୱାର ବନ୍ଦ କରିଦେଇଥିଲେ କିନ୍ତୁ ପୋଲିସ୍ ସୁରକ୍ଷା ଦେବାର ପ୍ରତିଶୃତୀ ଦେଇ ଦ୍ୱାର ଖୋଲିବାକୁ କହିବାରୁ ଜମାଅତର ଲୋକେ (ଦ୍ୱାର) ଖୋଲିଲେ କିନ୍ତୁ ପୋଲିସ୍ ନିଜ କଥାରୁ ଓହରି ଅନ୍ୟତ୍ର ଯାଇ ଛିଡ଼ା ହୋଇଗଲେ ଓ ସେମାନେ ମସଜିଦ୍‌ର ଆସବାପତ୍ର ଆଣି ବାହାରେ ଜାଳିଦେଲେ । ଏପରି ସେମାନଙ୍କ ବିଚାରରେ

ସେମାନେ ଇସଲାମର ବେଶ୍ ବଡ଼ ସେବା (କାର୍ଯ୍ୟ) ସମ୍ପାଦନ କରିଦେଲେ । ତେବେ ସେ ଯାହା ହେଉ ଆମେ କଦାପି ଆଇନ୍ ଉଲଘଂନ କରିନଥାଉ ଏବଂ ଆସବାପତ୍ରର କଥା କହିବାକୁ ଗଲେ, ଆମ୍ଭକୁ ସେଗୁଡ଼ିକ ନଷ୍ଟ ହେବାର କୌଣସି ଦୁଃଖ ନାହିଁ । କ୍ଷତି ତ ଆମର ହୋଇଛି କିନ୍ତୁ ନିଜ ବିଶ୍ୱାସ ତଥା ହଜରତ ମହମ୍ମଦ ସ.ଆଙ୍କ ଉପରେ ବିଶ୍ୱାସ ଓ ଏକେଶ୍ୱରବାଦକୁ ନିଜ ହୃଦୟରେ ସ୍ଥାନ ଦେବା ପାଇଁ ଆମେ ନିଜ ଜୀବନକୁ ମଧ୍ୟ ଉତ୍ସର୍ଗ କରିବା ପାଇଁ ପ୍ରସ୍ତୁତ ଅଛୁ । ସର୍ବଦା ଆମେ ଏହି କଥା କହିଥାଉ କି **ଲାଇଲାହା ଇଲଲ୍ଲାଃ** ର ଘୋଷଣା କରିବାରୁ କଦାପି ପଛଘୁଂଚା ଦେବୁ ନାହୁଁ ଏବଂ ଏଥିପାଇଁ ଆମେ ବଳିଦାନ ଦେଇଚାଲିଛୁ । ସେମାନେ ତ ଲୋକଦେଖାଣିଆ ଭାବରେ ହଜୁର ସ.ଆଙ୍କ ଜନ୍ମ ଦିନ ପାଳନ କରିବାକୁ ଯାଇ ଏକତ୍ରିତ ହୋଇ ଭାଷଣ ଦେଇଥାନ୍ତି ତାହା ମଧ୍ୟ କେବଳ ଅହେମଦିମାନଙ୍କୁ ଗାଳିଗୁଲଜ ଓ ଅଭଦ୍ର ଭାଷା ବକିବା ଛଡ଼ା ଅନ୍ୟ କୌଣସି ଶିକ୍ଷଣୀୟ କଥା ସେମାନଙ୍କ ଭାଷଣରେ ନଥାଏ । ସେମାନେ କେବଳ କ୍ଷଣିକ ଉତେଜନା ପ୍ରକାଶ କରୁଛନ୍ତି ଏବଂ ମନେ କରୁଛନ୍ତି କି ଏପରି ସେମାନେ ଇସଲାମର ବହୁତ ବଡ଼ ସେବା କରୁଛନ୍ତି । କିନ୍ତୁ ପ୍ରକୃତ ସେବା ତ ଜମାଅତ ଅହେମଦିୟା କରିଥିଲା ଯେତେବେଳେ ହଜରତ ମିର୍ଜା ଗୁଲାମ ଅହେମଦ କାଦିଆନୀ ମସିହ ହେବାର ଘୋଷଣା କରିଥିଲେ ଏବଂ ଆପଣ ଏକେଶ୍ୱରବାଦ ଓ ହଜରତ ମହମ୍ମଦ ସ.ଆଙ୍କ ସମ୍ମାନ ରକ୍ଷା କରିବାକୁ ନିଜ ଆଗମନର ଉଦ୍ଦେଶ୍ୟ ଦର୍ଶାଇ ଥିଲେ । ଏଥିପାଇଁ ଆପଣ ଇସଲାମର ପୁନଃ ପ୍ରତିଷ୍ଠା କରିଥିଲେ । ପୁଣି ଦ୍ୱିତୀୟ ଖଲିଫାଙ୍କ ସମୟରେ ଯେତେବେଳେ ଅଣମୁସଲମାନମାନେ ହଜରତ ମହମ୍ମଦ ସ.ଆଙ୍କ ବିରୋଧରେ ଖବରକାଗଜ ଓ ପୁସ୍ତକମାନ ମାଧ୍ୟମରେ ଅପପ୍ରଚାର କଲେ ତଥା ଆପଣଙ୍କ ପାଇଁ ଅତ୍ୟନ୍ତ କୁଭାଷା ପ୍ରୟୋଗ କରିଥିଲେ ସେତେବେଳେ ହଜୁର ଭାରତ ବର୍ଷରେ ବଡ଼ ଧରଣର **ସିରତୁନ୍ ନବୀ କନ୍‌ଫରେନସ୍**ର ଆୟୋଯନ କରି ଅହେମଦି ଓ ଅଣଅହେମଦିମାନଙ୍କୁ ଡ଼କରା ଦେଇଥିଲେ କି ବର୍ତମାନ ଆମର ପାରସ୍ପରିକ ମତଭେଦକୁ ଦୂର କରି ଏକତ୍ରିତ ହେବାର ସମୟ ଓ ଆମେ ଇସଲାମ ତଥା ହଜୁର ସ.ଆଙ୍କ ପ୍ରତିରକ୍ଷା ନିମନ୍ତେ ପ୍ରଚେଷ୍ଟା କରିବା ଉଚିତ୍ । ଉକ୍ତ ଆୟୋଯନରେ ଆପଣ ଅଣମୁସଲମାନ ଜ୍ଞାନୀଗଣଙ୍କୁ ମଧ୍ୟ ନିମନ୍ତ୍ରଣ କରିଥିଲେ । ହଜରତ ମହମ୍ମଦ ସ.ଆଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରଖିବା ଏବଂ ଆପଣଙ୍କ ସମ୍ମାନ ରକ୍ଷା କରିବା ପ୍ରତ୍ୟେକ ମୁସଲମାନର ବିଶ୍ୱାସର ଏକ ଅଂଶ ଅଟେ । ହଜରତ ମୁସଲେହ ମଉଦ ର.ଅ କୁହନ୍ତି ହଜରତ ମହମ୍ମଦ ସ.ଆଙ୍କ ଦୟା ସମଗ୍ର ସଂସାରରେ ବ୍ୟାପ୍ତ ସେଥିପାଇଁ ତ ଆପଣ **ରହମତୁଲ୍ ଲିଲ୍ ଆଲମିଇନ୍** ଅଟନ୍ତି । ଅତଏବ ଅନେକ ଅଣମୁସଲମାନ ବିଦ୍ୱାନ ଯେଉଁମାନଙ୍କ ମଧ୍ୟରେ ହିନ୍ଦୁ ମଧ୍ୟ ସାମିଲ ଅଛନ୍ତି ହଜରତ ମହମ୍ମଦ ସ.ଆଙ୍କ ଚରିତ୍ର ଉପରେ ନିଜ ନିଜର ବିଷୟବସ୍ତୁ ପାଠ କରନ୍ତି । ୧୯୨୮ ମସିହାରେ କାଦିଆନ ଜଲସାରେ ହଜରତ ମହମ୍ମଦ ସ.ଆ ସୁନ୍ଦର ଚରିତ୍ର ଉପରେ ଆଧାରିତ ହିନ୍ଦୁ କବିଙ୍କ ଦୁଇ ଗୋଟି କବିତା ପାଠ କରାଯାଇଥିଲା ।**(ତାରିଖେ ଅହେମଦୀୟତ୍,ଖଣ୍ଡ-୫,ପୃଷ୍ଠା-୪୩)** । ସମଗ୍ର ଭାରତ ବର୍ଷରେ ହଜରତ ମୁସଲେହ ମଉଦ ର.ଅଙ୍କ ଅନୁମତିକ୍ରମେ **ସିରତ ନବୀ କନ୍‌ଫରେନସ୍** ଅନୁଷ୍ଠିତ ହେଲା । ପାରସ୍ପରିକ ମତଭେଦ ଓ ବିଶ୍ୱାସରେ ପାର୍ଥକ୍ୟ ସତ୍ୱେ ଅନେକ ଲୋକ ଏପରି ଥିଲେ ଯେ ଏହି ଯୋଜନା ଓ ପ୍ରଚେଷ୍ଟାକୁ ସଫଳ କରିବାକୁ ଚେଷ୍ଟା କରିଥିଲେ । ଖବରକାଗଜମାନଙ୍କରେ ମଧ୍ୟ ଏଥି ସମ୍ବନ୍ଧରେ ମନ୍ତବ୍ୟ ପ୍ରକାଶିତ ହେଲା । ଗୋଟିଏ ଖବରକାଗଜ 'ମଶରିକ୍' ଗୋରଖପୁର୍‌ର ଅଟେ । ୨୧ ଜୁନ୍ ୧୯୨୮ ରେ ସେଥିରେ ଲେଖା ହୋଇଛି ଯେ ହିନ୍ଦୁସ୍ତାନ୍‌ରେ ଏହି ଇତିହାସ୍ ସର୍ବଦା ଜିବୀତ ରହିବ, ଏଥିପାଇଁ କି ଏହି ତାରିଖରେ ଆଲା ହଜ୍‌ରତ୍ ଆକାଏ ଦୋ ଯାହାଁ ସର୍‌ଦାରେ କଓନୋ ମକାଁ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ ଙ୍କ ଗୁଣଗାନ କୌଣସି ନା କୌଣସି ବାହାନାରେ ମୁସଲ୍‌ମାନ ମାନଙ୍କର ପ୍ରତ୍ୟେକ ଫିର୍‌କା କରିଛନ୍ତି ଏବଂ ପ୍ରତ୍ୟେକ ସହରରେ ଏ ଚେଷ୍ଟା କରାଯାଇଛି ଯେ ଆମ ସହର ନଂ-୧ ହେଉ । ଯେଉଁମାନେ ଏହି ମଉକାରେ ବିଦ୍ୱେଷଭାବ, ବିଖଣ୍ଡନ ଓ ଫିତ୍‌ନା ପାଇଁ ପୋଷ୍ଟର୍ ଲେଖିଛନ୍ତି (ଏପରି ମଧ୍ୟ କିଛି ଲୋକ ଥିଲେ ଯେଉଁମାନେ ମୁଖାଲିଫତ୍ କରିଥିଲେ) ଏବଂ ତକ୍‌ରିର୍ ଲେଖି ଆମ ପାଖକୁ ପଠାଇଥିଲେ (ଅର୍ଥାତ୍ ଖବରକାଗଜ ନିକଟକୁ) ସେମାନେ ବହୁତ ବଡ଼ ମୁର୍ଖ ଅଟନ୍ତି । ଖବରକାଗଜ ଲେଖିବା ବ୍ୟକ୍ତି କହୁଛନ୍ତି କି ସେମାନେ ବହୁତ ମୁର୍ଖ ଅଟନ୍ତି ଯେଉଁମାନଙ୍କୁ ଆମ ବିଶ୍ୱାସ ଉପରେ ଧାରଣା ନାହିଁ । ଆମର ବିଶ୍ୱାସ ଏହା ଯେ ଯେଉଁ ବ୍ୟକ୍ତି **ଲାଇଲାହା ଇଲଲ୍ଲାହୁ ମୁହମ୍ମଦୁର୍ ରସୁଲୁଲ୍ଲାଃ** ଉପରେ ବିଶ୍ୱାସ ରଖୁଛି ସେ ମୋକ୍ଷ ପ୍ରାପ୍ତି କରିବ । ପୁଣି ଲେଖୁଛନ୍ତି ଯେ ୧୭ ଜୁନ୍‌ରେ ଜଲ୍‌ସାର ସଫଳତା ଉପରେ ଆମ୍ଭେ ଇମାମ୍ ଜମାତ୍ ଅହେମଦୀୟା ଶ୍ରୀମାନ୍ ମିର୍‌ଜା ମହେମୁଦ୍ ଅହେମଦ୍‌ଙ୍କୁ ମୋବାରକ୍‌ବାଦ୍ ଦେଉଅଛୁ । ଯଦି ଶିହା, ସୁନ୍ନି ଓ ଅହେମଦୀ ଏହିପରି ବର୍ଷକ ମଧ୍ୟରେ ୨-୪ ଥର ଗୋଟିଏ ଜାଗାରେ ଏକତ୍ରିତ ହୋଇଯିବେ ତେବେ କୌଣସି ଶକ୍ତି ଏ ଦେଶରେ ଇସ୍‌ଲାମ୍‌ର ମୁକାବିଲା କରିପାରିବ ନାହିଁ ।

**(ତାରିଖେ ଅହମଦୀୟତ୍ ଖଣ୍ଡ-୫, ପୃଷ୍ଠା-୩୬-୩୭)**

ପୁଣି ଗୋଟିଏ ଖବରକାଗଜ 'ସୁଲ୍‌ତାନ୍' କୋଲ୍‌କାତାରୁ ପ୍ରକାଶିତ ଏହା ବଙ୍ଗଳା ଖବରକାଗଜ ଅଟେ । ୨୧ ଜୁନ୍‌ରେ ଲେଖୁଛନ୍ତି ଯେ ଜମାତ୍ ଅହେମଦୀୟା ୧୭ ଜୁନ୍‌କୁ ରସୁଲେ କରିମ୍ ସ:ଆ:ସ ଙ୍କ ଜୀବନ ଚରିତ ବର୍ଣ୍ଣନା କରିବା ପାଇଁ ସମଗ୍ର ଭାରତ ବର୍ଷରେ ଜଲ୍‌ସାର ଆୟୋଜନ କରିଛି । ଆମକୁ ଏତଲା ମିଳିସାରିଛି ଯେ ପାଖାପାଖି ସବୁଜାଗାରେ ସଫଳତାର ସହିତ ଜଲ୍‌ସା ହୋଇଛି ଏବଂ ଏହା ବାସ୍ତବିକ ଘଟଣା ଅଟେ ଯେ ଏହି ଦେଶରେ ଅହେମଦୀଙ୍କୁ ଏପରି ବୃହତ୍ ସଫଳତା ମିଳିଛି ଯାହା ଏହା ପୂର୍ବରୁ କାହାକୁ ମିଳିନାହିଁ । ଯେଉଁଥିରୁ ଜଣାପଡ଼ିଛି ଯେ ଜମାତ୍ ଅହେମଦୀୟା ପ୍ରତିଦିନ ଶକ୍ତିଶାଳୀ ହୋଇଚାଲିଛି ଏବଂ ଲୋକଙ୍କ ହୃଦୟରେ ସ୍ଥାନ ହାସଲ କରି ଚାଲିଛି । ଆମେ ନିଜେ ମଧ୍ୟ ଏହି ଶକ୍ତିକୁ ସ୍ୱୀକାର କରୁଛୁ ଏବଂ ତାଙ୍କର ସଫଳତାର କାମନା କରୁଛୁ ।

**(ତାରିଖେ ଅହେମଦୀୟତ୍, ଖଣ୍ଡ-୫,ପୃଷ୍ଠା-୩୭-୩୮)** ।

ଏହିସବୁ କଥା ସେ ସମୟର ଖବରକାଗଜରେ ଲେଖାହୋଇଥିଲା ଏବଂ ଅନ୍ୟମାନେ ମଧ୍ୟ ସାହାଯ୍ୟ କରିଥିଲେ । ଏଥିପାଇଁ କି ଆଁ ହଜ୍‌ରତ୍ ସ:ଆ:ସ ଙ୍କ ସମ୍ମାନର ପ୍ରଶ୍ନ ଥିଲା । ଜମାତ୍ ଅହେମଦୀୟା ପାଇଁ କୌଣସି ପ୍ରଶଂସାର ଆବଶ୍ୟକତା ନାହିଁ । ଏ ଚେଷ୍ଟା କେବଳ ହଜ୍‌ରତ୍ ଖଲିଫା ସାନି ର:ଅ ଏଥିପାଇଁ କରିଥିଲେ ଯେ ଇସ୍‌ଲାମ୍‌ର ଶତୃ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଥଟ୍ଟା ପରିହାସ କରୁଥିବା ବ୍ୟକ୍ତିମାନଙ୍କୁ ଜଣାଯାଉ ଯେ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ସ୍ଥାନ କେଉଁଠାରେ ଅଛି ଏବଂ ସେଇଥିପାଇଁ ମୁସଲ୍‌ମାନ୍ ଏକ ହୋଇଛନ୍ତି । କାଦିଆନ୍‌ରେ କିଛି ହିନ୍ଦୁ ଲୋକ ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଜୀବନ ଚରିତ ଉପରେ ଭାଷଣ ଦେଇଛନ୍ତି । ବିଶେଷ କରି ସେତେବେଳେ ଅଲ୍ ଫଜଲ୍‌ରେ **ଖାତମୁନ୍ ନବୀଇନ୍**ର ନମ୍ବର ପ୍ରକାଶ ପାଇଲା । ତାପରଠାରୁ ଜମାଅତ ଅହେମଦିୟା କ୍ରମାଗତ ଭାବରେ ସିରତୁନ୍ ନବୀର ଜଲସା ଆୟୋଯନ କରୁଅଛି । ଦ୍ୱିତୀୟ ଖଲିଫା ଯେଉଁ ଚାରି ପାଂଚଟି ଉଦ୍ଦେଶ୍ୟ ଦର୍ଶାଇଥିଲେ । ସେଥି ମଧ୍ୟରୁ ଗୋଟିଏ ଏହା ଥିଲା କି କେବଳ ୧୨ ରବିଉଲ୍ ଅୱ୍ୱଲ୍‌ରେ ନୁହେଁ ବରଂ ବର୍ଷ ସାରା ବିଭିନ୍ନ ସମୟରେ ସିରତୁନ୍ ନବୀ ଜଲସାର ଆୟୋଯନ କରିବାର ଥିଲା । **(ତାରିଖେ ଅହେମଦୀୟତ୍,ଖଣ୍ଡ-୫,ପୃଷ୍ଠା-୩୧)** ତେବେ ଜମାଅତ ଅହେମଦିୟାର ଇତିହାସ ସାକ୍ଷୀ ଅଛି ଯେ, ଏଥି ମୁତାବକ ଅମଳ ହେଉଅଛି । ବର୍ତମାନ ତ ଅଲ୍ଲାଃଙ୍କ କୃପାରୁ ପୃଥିବୀର ୨୦୦ରୁ ଅଧିକ

ଦେଶରେ ଯେଉଁଠାରେ ଜମାଅତ ଅହେମଦିୟା ପ୍ରତିଷ୍ଠିତ ସେଠାରେ ଏହି ଜଲସା ଅନୁଷ୍ଠିତ ହେଉଅଛି । **ଇନ୍‌ଶା ଅଲ୍ଲାଃ** ଅହେମଦିମାନେ ହିଁ ଅଟନ୍ତି ଏବଂ ସର୍ବଦା ରହିବେ ଯେ ଖତମେ ନବୁଓ୍ୱତ୍‌ର ପ୍ରକୃତ ସଂଜ୍ଞା ଦର୍ଶାଇବେ ଏବଂ ହଜରତ ମହମ୍ମଦ ସ.ଆଙ୍କ ପଦମର୍ଯ୍ୟାଦା ସହ ସଂସାରବାସୀଙ୍କୁ ଅବଗତ କରାଇବେ । ଏହା ଏଥିପାଇଁ ଯେ, ଏହି ଯୁଗରେ ହଜରତ ମସିହ ମଉଦ ଆ.ସ ଆମ୍ଭମାନଙ୍କୁ ଏହି ଶିକ୍ଷା ଦେଇଛନ୍ତି କି ଯଦି ତୁମେ ଇଚ୍ଛା କରୁଅଛ କି ତୁମେ ଅଲ୍ଲାଃତାଲାଙ୍କ ସାନିଧ ଲାଭ କରିବା ସହିତ ହଜରତ ମହମ୍ମଦ ସ.ଆଙ୍କ ସହ ସମ୍ପର୍କ ସ୍ଥାପନ ହେଉ ତେବେ ନବୀ ଶିରୋମଣି ହଜରତ ମହମ୍ମଦ ସ.ଆ ହିଁ ଏକ ମାତ୍ର ମାଧମ । ଆପଣଙ୍କ ବ୍ୟତୀତ ଅନ୍ୟ କୌଣସି ମାଧମ ନାହିଁ । ହଜୁର ଆ.ସ କଦାପି ନିଜକୁ ବଡ଼ ପ୍ରମାଣିତ କରି ନାହାନ୍ତି ବରଂ ସର୍ବଦା ହଜରତ ମହମ୍ମଦ ସ.ଆଙ୍କ ଗୁଣଗାନ କରିଛନ୍ତି । ଆମ୍ଭ ଉପରେ ଏହି ଆପତି କରାଯାଇଥାଏ କି ଆମେ ହଜରତ ମହମ୍ମଦ ସ.ଆଙ୍କୁ **ଖାତମୁନ୍ ନବୀଇନ୍** ସ୍ୱୀକାର କରୁ ନାହୁଁ । ଏହାର ଖଣ୍ଡନ କରି ହଜୁର ଆ.ସ କୁହନ୍ତି-

ମନେରଖ ମୋ ଓ ମୋ ଜମାଅତ ଉପରେ ଯେଉଁ ଆପତି କରାଯାଉଅଛି କି ଆମେ ହଜରତ ମହମ୍ମଦ ସ.ଆଙ୍କୁ **ଖାତମୁନ୍ ନବୀଇନ୍** ସ୍ୱୀକାର କରୁ ନାହୁଁ, ଏହା ଆମ୍ଭ ଉପରେ ସମ୍ପୂର୍ଣ୍ଣ ଭିତିହିନ ଅଭିଯୋଗ ଅଟେ । ଆମ୍ଭେ ଯେଉଁ ଦୃଢ଼ ବିଶ୍ୱାସ, ଜ୍ଞାନ ଓ ଧାରଣା ସହ ହଜରତ ମହମ୍ମଦ ସ.ଆଙ୍କୁ **ଖାତମୁନ୍ ନବୀଇନ୍** ବିଶ୍ୱାସ କରୁଅଛୁ ତାହାର ଏକ ଲକ୍ଷାଂଶ ମଧ ଅନ୍ୟମାନେ ରଖିନଥାନ୍ତି ନା ସେମାନଙ୍କର ସାମର୍ଥ ଅଛି । ଖତମେ ନବୁଓ୍ୱତ୍‌ର ରହସ୍ୟ ଓ ସତ୍ୟାସତ୍ୟ ସହ ଅବଗତ ନୁହନ୍ତି, କେବଳ ନିଜ ବାପ ଅଜାଙ୍କଠାରୁ ଗୋଟିଏ ଶବ୍ଦ ଶୁଣିଛନ୍ତି ନଚେତ୍ ଏହାର ଗଭୀରତା ସହ ସେମାନେ ସମ୍ପୂର୍ଣ୍ଣ ଅଜ୍ଞ ଅଟନ୍ତି । ସେମାନଙ୍କୁ ଜଣା ନାହିଁ ଯେ ଖତମେ ନବୁଓ୍ୱତ୍‌ର ଅର୍ଥ କଣ ଓ ଏହାର ଯଥାର୍ଥ କଣ ? କିନ୍ତୁ ଆମେ ଦିବ୍ୟ ଦୃଷ୍ଟି ମାଧମରେ ଯାହାକି ଅଲ୍ଲାଃ ଜାଣନ୍ତି ଯେ, ହଜରତ ମହମ୍ମଦ ସ.ଆଙ୍କୁ **ଖାତମୁନ୍ ନବୀଇନ୍** ବିଶ୍ୱାସ କରୁଅଛୁ ଏବଂ ଅଲ୍ଲାଃ ଆମ୍ଭ ଉପରେ ଏହାର ରହସ୍ୟ ଏପରି ଉନ୍ମୋଚନ କରିଛନ୍ତି ଓ ଏହି ରହସ୍ୟର ସରବତ୍ ଆମ୍ଭଙ୍କୁ ପିଆଇ ଦେଇଛନ୍ତି । ଯେଉଁଥିରୁ ଆମ୍ଭେ ଏକ ବିଶେଷ ଆନନ୍ଦ ଉପଭୋଗ କରୁଅଛୁ । ଯାହାର ଅନୁଭବ କେବଳ ସେହିମାନେ କରିପାରିବେ ଯେଉଁମାନେ ଏହି ଝରଣାରୁ (ଜଳ) ପାନ କରିଥାନ୍ତି । **(ମଲ୍‌ଫୁଜାତ୍ ଖଣ୍ଡ-୧, ପୃଷ୍ଠା-୩୪୨, ମୁଦ୍ରଣ-ଇଂଲିସ୍ ସ୍ଥାନ-୧୯୮୫)**

ସୁତରାଂ ଯେ ଆମ୍ଭଙ୍କୁ ଖତମେ ନବୁଓ୍ୱତ୍‌ର ଅମାନ୍ୟକାରୀ ମଣୁଅଛି । ସେ ସ୍ୱୟଂ ଅନ୍ଧ ଓ ତାହାର ହୃଦୟ ଫମ୍ପା ଅଟେ । କେବଳ ନାରା ଲଗାଇବା, ବିଭ୍ରାଟ ସୃଷ୍ଟି କରିବା ଓ ଭଙ୍ଗାରୁଜା କରିବା ଛଡ଼ା ସେମାନେ ଆଓ କଣ ଜଣନ୍ତି । କଣ ଇସଲାମର ଯେଉଁ ସନ୍ଦେଶ ଜମାଅତ ଅହେମଦିୟା ସଂସାରରେ ପ୍ରଚାର ଓ ପ୍ରସାର କରୁଅଛି, ତାହା ଯଥେଷ୍ଟ ପ୍ରମାଣ ନୁହେଁ କି ହଜରତ ମହମ୍ମଦ ସ.ଆ ଯେଉଁ ଦୁଆ ନିଜ ସମ୍ପ୍ରଦାୟ ପାଇଁ କରିଥିଲେ, ସେଥିରୁ ହଜରତ ମସିହ ମଉଦ ଆ.ସଙ୍କ ଜମାଅତ ଭାଗ ନେଉ ଅଛି ।

ପୁନଃ ଖତମେ ନବୁଓ୍ୱତ୍‌ର ସତ୍ୟାସତ୍ୟ ବର୍ଣ୍ଣନା କରି ହଜରତ ମସିହ ମଉଦ ଆ.ସ କୁହନ୍ତି ଅଲ୍ଲାଃତାଲା ଆମ୍ଭଙ୍କୁ ସେହି ନବୀ ପ୍ରଦାନ କରିଛନ୍ତି ଯେ କି ଖାତମୁନ୍ ନବୀଇନ୍ ଓ ଖାତମୁନ୍ ଆରିଫିଇନ୍ ଅର୍ଥାତ ସର୍ବଶ୍ରେଷ୍ଠ ବିଜ୍ଞ ପୁରୁଷ ଅଟନ୍ତି । ସେହିପରି ତାଙ୍କ ଉପରେ ଏପରି ପୁସ୍ତକ ଅବତିର୍ଣ୍ଣ କଲେ ଯାହାକି ସମସ୍ତ ପୁସ୍ତକର ସାର ମର୍ମ ଓ ଅନ୍ତିମ ପୁସ୍ତକ ଅଟେ । ହଜରତ ମହମ୍ମଦ ସ.ଆ ଯେ କି ଖାତମୁନ୍ ନବୀଇନ୍ ଅଟନ୍ତି । ଏହି ଖତମ୍ ଏପରି ନୁହେଁ କି ଯେମିତି କେହି କାହାରିକୁ ଗଳା ଚିପି ମାରିଦିଏ । ଏପରି ଖତମ୍ ଗର୍ବ କରିବାର ନୁହେଁ ବରଂ ହଜୁର ସ.ଆଙ୍କ ଉପରେ **ନବୁଓ୍ୱତ୍‌ର ଖତମ୍** ହେବା ଏହି ଅର୍ଥରେ କି ଆପଣଙ୍କ ଠାରେ ନବୁଓ୍ୱତର ସମସ୍ତ ବିଶେଷ ଗୁଣାବଳିର ଅନ୍ତ ଘଟିଛି । ଅର୍ଥାତ ସେହି ସମସ୍ତ ବିଶେଷତା ଯାହାକି ହ. ଆଦମଙ୍କ ଠାରୁ ଆରମ୍ଭ କରି ହ. ଈଶାଙ୍କ ପ୍ରର୍ଯ୍ୟନ୍ତ ସହ ବର୍ଦ୍ଧିତ ଥିଲା । ସେପର୍ଯ୍ୟନ୍ତ ପ୍ରତ୍ୟେକ ନବୀଙ୍କୁ ଯେଉଁ ଭିନ୍ନ ଭିନ୍ନ ସୁଗୁଣ ପ୍ରଦାନ କରାଯାଇଥିଲା ସେସବୁ ହଜରତ ମହମ୍ମଦ ସ.ଆଙ୍କ ଠାରେ ଜମା କରି ଦିଆଯାଇ ଅଛି । ଅତଏବ ଏପରି ଆପଣ ଖାତମୁନ୍ ନବୀଇନ୍ ଅର୍ଥାତ ସର୍ବ ଶ୍ରେଷ୍ଠ ନବୀ କୁହାଇଲେ । ସେହିପରି ସେ ସମସ୍ତ ଶିକ୍ଷା ଓ ରହସ୍ୟ ଯାହାକି ବିଭିନ୍ନ ପୁସ୍ତକରେ ଦରଜ ଥିଲା, ସେସବୁ ପବିତ୍ର କୋରାନରେ ଜମା କରି ଦିଆଯାଇଛି । ଅତଏବ ଏପରି ପବିତ୍ର କୋରାନ ଖାତମୁଲ୍ କିତାବ ସାବ୍ୟସ୍ତ ହେଲା । **(ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୩୪୧-୩୪୨, ମୁଦ୍ରଣ-ଇଂଲିସ୍ ସ୍ଥାନ-୧୯୮୫)** ପୁଣି ଆଁ ହଜ୍‌ରତ୍ ସ:ଆ:ସ ଙ୍କ ମକାମ୍ ଓ ଉଚ୍ଚସ୍ଥାନ ବିଷୟରେ ବର୍ଣ୍ଣନା କରି କହୁଛନ୍ତି କି ସବୁ ସମୟ ପାଇଁ ଜିବୀତ ରସୁଲ୍ କେବଳ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ ହିଁ ଅଟନ୍ତି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ବନି ଇସ୍‌ରାଇଲ୍‌ର ବଳକା ୟୁହୁଦି ହୁଅନ୍ତୁ ବା ହଜ୍‌ରତ୍ ମସିହ୍ ଆ:ସ ଙ୍କୁ ଅଲ୍ଲାଃତାଲା ବୋଲି ଡ଼ାକିବା ବାଲା ଖ୍ରୀଷ୍ଟିଆନ୍‌ମାନଙ୍କ ମଧରୁ କେହି ହୁଅନ୍ତୁ ଯିଏ ଏହି ନିଦର୍ଶନ ଗୁଡିକରେ ମୋର ମୁକାବିଲା କରିପାରିବ । ମୁଁ ଡାକିକରି କହୁଛି ଯେ କେହି ମଧ ନୁହେଁ, ଜଣେ ମଧ ନୁହେଁ । ଏହା କେବଳ ଆମର ନବୀ ସ:ଆ:ସ ଙ୍କ ଦ୍ୱାରା ଘଟିଥିବା ଏକ ଅଲୌକିକ ପ୍ରମାଣ.... ।

**(ମଲ୍‌ଫୁଜାତ୍ ଖଣ୍ଡ-୧, ପୃଷ୍ଠା-୪୧୩-୪୧୪, ମୁଦ୍ରଣ-ଇଂଲିସ୍ ସ୍ଥାନ-୧୯୮୫)**

ପୁଣି ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଉଚ୍ଚସ୍ଥାନ ଓ ସ୍ଥିତି, ଆପଣଙ୍କ ନମ୍ର ସ୍ୱଭାବ ଓ ବିନୀତ ଭାବ ଓ ଅଲ୍ଲାଃତାଲାଙ୍କ ନିକଟରେ ପହଂଚିବା ପାଇଁ ଆପଣଙ୍କ ଭାବ ବିହୋଳତା ଇତ୍ୟାଦି ବିଷୟରେ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶର ଚର୍ଚ୍ଚା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ''ହଦିସ୍‌ରେ ଆସୁଅଛି ଯେ ଅଗର୍ ଫଜଲ୍ ନା ହୋତା ତୋ ନଜାତ୍ ନାଁ ହୋତି''(ଏହା ଅଲ୍ଲାଃତାଲାଙ୍କ ଆଶୀର୍ବାଦ ଅଟେ ଯେ ଯଦ୍ୱାରା ମୋକ୍ଷ ପ୍ରାପ୍ତ ହୋଇଥାଏ) । ''ଏହି ପରି ହଦିସ୍‌ରୁ ମଧ ଜଣାପଡ଼େ ଯେ ହଜ୍‌ରତ୍ ଆଇଶା ର:ଅ ଆପଣଙ୍କୁ ପଚାରିଲେ ଯେ ୟା ହଜ୍‌ରତ୍ କ'ଣ ଆପଣଙ୍କର ମଧ ଏହି ଅବସ୍ଥା ହେବ ? (ଅର୍ଥାତ୍ ଉପରୋକ୍ତ ଆଶିର୍ବାଦ ଦ୍ୱାରା ହିଁ ମୋକ୍ଷପ୍ରାପ୍ତ ହେବ) । ଆପଣ ସ:ଆ:ସ ମୁଣ୍ଡ ଉପରେ ହାତ ରଖି କହିଲେ 'ହଁ' ।'' ପୁଣି ଆପଣ କହୁଛନ୍ତି ''ଏହା ଆପଣ ସ:ଆ:ସ ଙ୍କ ସମ୍ପୂର୍ଣ୍ଣ ଦାସତ୍ୱର ସ୍ୱୀକାରୋକ୍ତି ଥିଲା । ଯାହା ଅଲ୍ଲାଃତାଲାଙ୍କ ରବୁବିୟତ୍ (ଏକେଶ୍ୱରବାଦ) କୁ ଟାଣୁଥିଲା'' । ପୁଣି ଆପଣ କହୁଛନ୍ତି ''ଆମେ ନିଜେ ତଜୁର୍ବା କରି ଦେଖିଛୁ ଏବଂ ବହୁତ ଥର ପରୀକ୍ଷା କରିଛୁ ବରଂ ସର୍ବଦା ଦେଖୁଅଛୁ ଯେ ଯେତେବେଳେ ନମ୍ର ଓ ବିନୀତ ଭାବର ସ୍ଥିତି ଶେଷ ସୀମାରେ ପହଂଚିଯାଏ ଏବଂ ଆମର ଆତ୍ମା ସେହି ଏକେଶ୍ୱରବାଦ ଏବଂ ବିନୀତ ଭାବରେ ବହି ଚାଲେ ଏବଂ ଅଲ୍ଲାଃତାଲାଙ୍କ ଦରବାର୍‌ରେ ପହଂଚିଯାଏ ତେବେ ଗୋଟିଏ ଉଜ୍ଜଳ ଆଲୋକ ଏବଂ ଜ୍ୟୋତି ଉପରୁ ଓହ୍ଲାଇ ଥାଏ । ତାହା ଏପରି ଜଣାପଡୁଥାଏ ଯେପରି ଗୋଟିଏ ନାଳ ଜରିଆରେ ସଫା ପାଣି ଅନ୍ୟ ଏକ ନାଳକୁ ପହଂଚୁଛି । ତେଣୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ସ୍ଥିତି ଯାହା ନମ୍ର ଓ ବିନୀତ ଭାବକୁ ସମ୍ପୂର୍ଣ୍ଣ କରିଅଛି ସେଠି ଜଣାପଡୁଛି ଯେ ସେହିପରି ଆପଣଙ୍କ ପବିତ୍ର ଆତ୍ମା ମଧ ତାହାର ସାହାଯ୍ୟ କରି ଏକ ଆଲୋକ ସହିତ ଆଲୋକିତ ହୋଇଥାଏ । ଯାହା ଆମର ନବୀ ସ:ଆ:ସ ନିଜ ଅମଳରେ ଏବଂ କାର୍ଯ୍ୟରେ କରି ଦେଖାଇଛନ୍ତି..... । **କୁଲ୍ ଇନ୍ କୁନ୍‌ତୁମ୍ ତୁହିବ୍‌ବୁନଲ୍ଲାଃ ଫତ୍‌ତବେଉନି ୟୁହ୍‌ବିବ୍ କୁମୁଲାହା'' (ମଲ୍‌ଫୁଜାତ୍ ଖଣ୍ଡ-୧, ପୃଷ୍ଠା-୨୦୩-୨୦୪, ମୁଦ୍ରଣ-ଇଂଲିସ୍ ସ୍ଥାନ-୧୯୮୫).....**

ଆପଣ କହୁଛନ୍ତି ଜଣେ ମୁସଲ୍‌ମାନଙ୍କ ନିମନ୍ତେ ଧାର୍ଯ୍ୟ ଅଟେ ଯେ ଏହି ଯୁଗ ମଧରେ ଯାହା କିଛି ଫିତ୍‌ନା ଇସ୍‌ଲାମ୍ ଉପରେ ପଡ଼ିଛି ତାକୁ ଦୂର କରିବାରେ

କିଛି ଭାଗ ନିଅନ୍ତୁ । ବଡ଼ ଉପାସନା ଏହା ଅଟେ ଯେ ଏହି ଫିତ୍‌ନାକୁ ଦୁର କରିବା ପାଇଁ ପ୍ରତ୍ୟେକ ମୁସଲ୍‌ମାନ କିଛି ନା କିଛି ଭାଗ ନେବା ଉଚିତ୍ । ଏ ସମୟରେ ଯେଉଁ କୁ କାର୍ଯ୍ୟ ଏବଂ ଥଟ୍ଟା ପରିହାସ ପ୍ରସାରିତ ହୋଇଅଛି ତାହା ନିଜର ଭାଷଣ ବା ଜ୍ଞାନ ଜରିଆରେ ବା ପ୍ରତ୍ୟେକ ଶକ୍ତି ସହିତ ଯାହା ତାଙ୍କୁ ଦିଆଯାଇଛି ତାହା ଦ୍ୱାରା ଚେଷ୍ଟା କରନ୍ତୁ ଯେ ଏହା ସବୁ ଶେଷ ହୋଇଯାଉ । ଯଦି ଏହି ଦୁନିଆରେ କାହାକୁ ଆରାମ ମିଳିଯାଉଛି ତ କ'ଣ ଲାଭ ? ଏ ସଂସାରରେ କିଛି ଦରଜା ହାସଲ କରିନେଉଛି ତ କ'ଣ ପାଇଲା । ପରକାଳର ପୁଣ୍ୟ ହାସଲ କର ଯାହାର ଅନ୍ତ ନାହିଁ..... ।

**(ମଲ୍‌ଫୁଜାତ୍ ଖଣ୍ଡ-୧, ପୃଷ୍ଠା-୩୯୪-୩୯୫, ମୁଦ୍ରଣ-ଇଂଲିସ୍ ସ୍ଥାନ-୧୯୮୫)**

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବରାହିନେ ଅହେମଦୀୟା ପୁସ୍ତକରେ ନିଜର ଗୋଟିଏ ଇଲ୍‌ହାମ୍ ର ଚର୍ଚ୍ଚା କରି କହୁଛନ୍ତି ଯେ ''**ଏ ଯେଉଁ ଏଲ୍‌ହାମ୍ ଅଛି ତାହା ସଲ୍‌ଲେ ଆଲା ମୁହମ୍ମଦିନ୍ ୱ ଆଲେ ମୁହମ୍ମଦିନ୍ ସୟେଦେ ଉଲ୍‌ଦେ ଆଦମ୍ ୱ ଖାତମିନ୍ ନବିଇନ୍** ଏବଂ ଦରୁଦ୍ ପଠାନ୍ତୁ ମୁହମ୍ମଦ ସ:ଆ:ସ ଏବଂ ମୁହମ୍ମଦ୍ ସ:ଆ:ସ ଙ୍କ ଆଲ୍ ଉପରେ ଯିଏ ସର୍ଦ୍ଦାର ଅଟନ୍ତି ଆଦମ୍‌ଙ୍କ ସନ୍ତାନମାନଙ୍କର ଏବଂ ନବୀ ଶ୍ରେଷ୍ଠ ଅଟନ୍ତି ସ୍ୱଲଲ୍ଲାହୋ ଆଲୈ ହେ ୱସଲ୍ଲମ୍''.....

**(ବରାହିନେ ଅହେମଦୀୟା ରୁହାନି ଖଜାଏନ୍ ଖଣ୍ଡ-୧, ପୃଷ୍ଠା-୫୯୭-୫୯୮ ହାସିଆ)**

ଦରୁଦ୍ କଣ ପାଇଁ ପଢ଼ିବା ଉଚିତ୍ ସେଥିପ୍ରତି ଧ୍ୟାନ ଆକର୍ଷଣ କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଦରୁଦ୍ ଶରିଫ୍.....ଏଇଥିପାଇଁ ପଢ଼ିବା ଉଚିତ୍ ଯଦ୍ୱାରା ଅଲ୍ଲାଃତାଲା ନିଜର ପୁର୍ଣ୍ଣ ଆଶିର୍ବାଦ୍ ନବୀ କରିମ୍ ସ:ଆ:ସ ଙ୍କ ଉପରେ ପ୍ରକଟ କରିବେ ଏବଂ ତାଙ୍କୁ ସମଗ୍ର ସଂସାର ପାଇଁ ଆଶୀର୍ବାଦର ଝରଣା ରୂପେ ବନେଇଦେବେ ଏବଂ ତାଙ୍କର ସମ୍ମାନ ଏବଂ ତାଙ୍କର ଉଚ୍ଚସ୍ଥାନ ଏହି ଜଗତରେ ଏବଂ ପର ଜଗତରେ ପ୍ରକଟ କରିବେ ।....... **(ମକ୍‌ତୁବାତେ ଅହେମଦ୍ ଖଣ୍ଡ-୧, ପୃଷ୍ଠା-୫୨୩, ମୁଦ୍ରଣ-୨୦୦୮)**

ସୁତରାଂ ଶତ୍ରୁ ଆମ୍ଭକୁ ଯାହା କହୁ ପଛେ ଏବଂ ଯେଉଭଳି ଆପତି କଲେ କରୁ ପଛେ, ଆମ୍ଭ ହୃଦୟରେ ହଜରତ ମହମ୍ମଦ ସ.ଆଙ୍କ ପ୍ରତି ପ୍ରେମ ଭରି ରହିଛି ଏବଂ ଆମ୍ଭକୁ ଆପଣଙ୍କ ଖାତମୁନ୍ ନବୀଇନ୍‌ର ପ୍ରକୃତ ସଜ୍ଞା ଓ ଧାରଣା ଜଣା ଅଛି । ଏସବୁ ଆମ୍ଭକୁ ହଜରତ ମସିହ ମଉଦ ଆ.ସ ଶିକ୍ଷା ଦେଇଛନ୍ତି । ଅଲ୍ଲାଃତାଲା ଆମ୍ଭମାନଙ୍କୁ ଶତ୍ରୁର ସମସ୍ତ ଅତ୍ୟାଚାର ଓ ଆକ୍ରମଣକୁ ସହ୍ୟ କରିବା ସହିତ ପୂର୍ବ ଅପେକ୍ଷା ଆହୁରି ଅଧିକ ବିଶ୍ୱାସରେ ଦୃଢ଼ତା ପ୍ରଦାନ କରନ୍ତୁ ଏବଂ ଆମ୍ଭେ ହଜରତ ମହମ୍ମଦ ସ.ଆଙ୍କ ପାଇଁ ପୂର୍ବ ଅପେକ୍ଷା ଅଧିକ ଦରୁଦ ପାଠକାରୀ ହେଉ । ଯଦ୍ୱାରା ମୁସଲମାନମାନଙ୍କୁ ମଧ୍ୟ ହଜୁର ସ.ଆଙ୍କ ଆସନର (ସ୍ତର) ସଠିକ୍ ଧାରଣା ହେବ ଏବଂ ସେମାନେ ସତ୍ ମାର୍ଗ ପ୍ରାପ୍ତ କରିବେ ତଥା ସମଗ୍ର ସଂସାରରେ ଇସଲାମୀୟ ସୁନ୍ଦର ଶିକ୍ଷାର ପ୍ରଚାର ଓ ପ୍ରସାର ହେବ ।

**b b b b b b b b b b b b**

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

## ତହେରିକ୍ ଯଦିଦ୍‌ର ୮୩ତମ ବର୍ଷର ବାବର୍‌କତ୍ ଶୁଭାରମ୍ଭର ଘୋଷଣା ଓ

**ଜମାତ୍ ଅହେମଦୀୟା ଭାରତର ନୈଷ୍ଠିକ ଅହେମଦୀଙ୍କ ନିକଟରେ ଜରୁରୀ ନିବେଦନ ।**

ସୟଦନା ହଜୁର ଅନ୍‌ୱର ଅ:ବ ୧୧ ନଭେମ୍ବର ୨୦୧୬ ରେ ନିଜର ହୃଦୟସ୍ପର୍ଶୀ ଖୁତ୍‌ବା ଜୁମାରେ ତହେରିକ୍ ଯଦିଦ୍‌ର ୮୩ତମ ବର୍ଷର ବାବର୍‌କତ୍ ଶୁଭାରମ୍ଭର ଏଲାନ୍ କରିଲେ । ଅଲ୍‌ହମ୍‌ଦୋଲିଲାଃ - ହଜୁର ଅନ୍‌ୱର କହିଲେ ''ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ଥାନରେ ମାଲି କୁର୍‌ବାନି ଉପରେ ଆଲୋକପାତ କରି କହୁଛନ୍ତି:-ଯେ ସଂସାରରେ ଲୋକେ ଧନ ସହିତ ବହୁତ ପ୍ରେମ କରିଥାଏ । ସେଇଥିଯୋଗୁ ତାବିରୁର୍‌ରୋୟା ରେ ଲେଖାଯାଇଛି ଯଦି କୌଣସି ବ୍ୟକ୍ତି ଦେଖେ ଯେ ସେ ନିଜ କଲିଜା କାଢ଼ି କାହାକୁ ଦେଇ ଦଉଛି ତା'ର ଅର୍ଥ ଧନ ଅଟେ । ସେଥିଯୋଗୁଁ ପ୍ରକୃତ ତକ୍‌ୱା ଓ ଇମାନ୍‌ଙ୍କ ହାସଲ କରିବା ପାଇଁ (ଅଲ୍ଲାଃତାଲା) କହୁଛନ୍ତି ***ଲନ୍‌ତନାଲୁଲ୍ ବିର୍‌ରା ହାତ୍ତା ତୁନ୍ ଫିକୁ ମିମ୍ମା ତୁହିବ୍‌ବୁନ୍*** ଅର୍ଥାତ୍ ପ୍ରକୃତ ପୁଣ୍ୟକୁ ତୁମେ ସେ ପର୍ଯ୍ୟନ୍ତ ପାଇବ ନାହିଁ ଯେ ପର୍ଯ୍ୟନ୍ତ ତୁମେ ନିଜର ଉତମ ଜିନିଷକୁ ଖର୍ଚ୍ଚ ନ କରିଛ । କାରଣ ଅଲ୍ଲାଃଙ୍କ ସୃଷ୍ଟଜଙ୍କ ସହିତ ଉତମ ବ୍ୟବହାରର ଏକ ବହୁତ ବଡ଼ ଭାଗ ଧନ ଖର୍ଚ୍ଚ କରିବାରେ ଅଛି । ଏତଦ୍‌ବ୍ୟତୀତ ଇମାନ୍ ସମ୍ପୂର୍ଣ୍ଣ ହୁଏ ନାହିଁ ।... ତେଣୁ ଅଲ୍ଲାଃଙ୍କ ରାସ୍ତାରେ ଧନ ଖର୍ଚ୍ଚ କରିବା ମଧ୍ୟ ମଣିଷର ସୌଭାଗ୍ୟ ଓ ପୁଣ୍ୟବାନ୍‌ର ଆଧାର ଓ ସନ୍ତକ ଅଟେ ।''

ହଜୁର୍ କହିଲେ:-

''ଦୁନିଆ ଆଜିକାଲି ଭାବୁଛି ଯେ ଧନ ସମ୍ପତିକୁ ଠୁଳ କରିବା ଏବଂ ତାକୁ କେବଳ ନିଜ ଆରାମ ଓ ସୁଖ ସ୍ୱାଛନ୍ଦ ପାଇଁ ଖର୍ଚ୍ଚ କରିବାରେ ହିଁ ଆନନ୍ଦ ଓ ଶାନ୍ତି ମିଳିପାରିବ । କିନ୍ତୁ ଜଣେ ମୋମିନ୍ ଯାହାକୁ ଦୀନିର ପ୍ରକୃତ ଜ୍ଞାନ ଅଛି ସେଏହା ଭାବିଥାଏ ଯେ ଯଦି ଚ ଏହା ସବୁ ଅଲ୍ଲାତାଲା ମଣିଷ ନିମନ୍ତେ ସୃଷ୍ଟି କରିଛି କିନ୍ତୁ ଜୀବନର ପ୍ରକୃତ ଲକ୍ଷ ଅଲ୍ଲାତାଲାଙ୍କ ସାନିଧ୍ୟ ଓ ପୁଣ୍ୟ ମାର୍ଗରେ ପରିଚାଳିତ ହେବା ଅଟେ । ଅଲ୍ଲାତାଲାଙ୍କର ହକ୍ ପ୍ରଦାନ କରିବା ଏବଂ ତାର ମଖ୍‌ଲୁକ୍‌ର ହକ୍ ପ୍ରଦାନ କରିବା ଅଟେ ।''

ଖୁତ୍‌ବା ଯୁମାର ଶେଷରେ ହଜୁର୍ ଅନ୍‌ୱର୍ ଅ:ବ କହିଲେ:-

୧୯୩୪ ମସିହାରେ ଏହ୍‌ରାରୀ ଯମାତକୁ ନିଃଶେଷ କରିବାର କଥା କହୁଥିଲେ । କାଦିୟାନ୍‌କୁ ତଳିତଳାନ୍ତ କରିଦେବାର କଥା କହୁଥିଲେ । ସେ ସମୟରେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ତହେରିକ୍ ଯଦିଦ୍‌ର ଏଲାନ୍ କରାଇ ସମଗ୍ର ବିଶ୍ୱରେ ମିଶ୍‌ନାରି ପଠାଇବାର ଯୋଜନା ତିଆରି କଲେ । ତବ୍‌ଲିଗ୍‌ର ଏକ ସୁନ୍ଦର ଯୋଜନା ତିଆରି କରାଗଲା ଏବଂ ଆଜି ଅଲ୍ଲାଃତାଲାଙ୍କ କୃପାରୁ ବିଶ୍ୱର ପ୍ରତ୍ୟେକ ଦେଶରେ ଯମାତ୍ ଅହେମଦୀୟାକୁ ଲୋକେ ଜାଣିଛନ୍ତି ଏବଂ ୨୦୯ ଦେଶରେ ଯମାତ୍ ଅହେମଦୀୟା ପ୍ରତିଷ୍ଠା ହୋଇସାରିଛି ।...........ଆଜି ଦୁନିଆର ଏହି ପଶ୍ଚିମ କୋଣରୁ ସମଗ୍ର ସଂସାରରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବାର୍ତାକୁ ଆପଣଙ୍କର ଜଣେ ଗୋଲାମ ଏବଂ ଜଣେ ଛୋଟ ସେବକ ପହଂଚାଇ ଚାଲିଛି ।''

ହଜୁର୍ ଅନ୍‌ୱର୍‌ଙ୍କ ଏହି ଜ୍ଞାନ ବର୍ଦ୍ଧକ ଖୁତ୍‌ବା ଯୁମାର ଆଲୋକ ଦ୍ୱାରା ଯମାତ୍ ଅହେମଦୀୟା ଭାରତର ନୈଷ୍ଠିକ ଅହେମଦୀଙ୍କ ଗୋଚରରେ ନିବେଦନ କରାଯାଉଛି କି ସେମାନେ ମାଲି କୁର୍‌ବାନୀର ଜରୁରତ୍ ଏବଂ ଗୁରୁତ୍ୱକୁ ଅନୁଭବ କରି ତହେରିକ୍ ଯଦିଦ୍‌ର ଚାନ୍ଦାରେ ବଢ଼ି ଚଢ଼ି କରି ଭାଗ ନିଅନ୍ତୁ । ପ୍ରଥମ ମୁହୁର୍ତରେ ନିଜର ସେକ୍ରେଟାରୀ ତହେରିକ୍ ଯଦିଦ୍‌ଙ୍କ ସହିତ ସମ୍ପର୍କ ସ୍ଥାପନ କରି ଏକ ଉତମ (ୱାଦା) ପ୍ରତିଶ୍ରୁତିର ସହିତ ଯଥା ସମ୍ଭବ ତାହା ପ୍ରଦାନ କରିବା ପାଇଁ ଚେଷ୍ଟା କରନ୍ତୁ । ଫଳତଃ ଅଲ୍ଲାତାଲାଙ୍କର କୃପା, ସାନିଧ୍ୟ ଏବଂ ବର୍‌କତ୍‌ରୁ ଲାଭ ଉଠାନ୍ତୁ । ଅଲ୍ଲାତାଲା ଆମକୁ ଏହା କରିବା ପାଇଁ ଅଧିକ ରୁ ଅଧିକ ଶକ୍ତି ପ୍ରଦାନ କରନ୍ତୁ । - ଆମିନ୍

**(ୱକିଲୁଲ୍‌ମାଲ୍ ତେହ୍‌ରିକେ ଯଦିଦ୍ କାଦିୟାନ)**

# ଖୁତ୍‌ବା ଜୁମା

W ଜମାଅତ ଅହେମଦିୟାର ବିରୁଦ୍ଧାଚରଣ ଏବଂ ଜମାଅତର ସଦସ୍ୟମାନଙ୍କ ଉପରେ ବିରୋଧିମାନଙ୍କ ଦ୍ୱାରା କରାଯାଉଥିବା ଅତ୍ୟାଚାର କୌଣସି ନୂଆ କଥା ନୁହେଁ, ନା ହିଁ ନବୀମାନଙ୍କ ଜମାଅତର ବିରୁଦ୍ଧାଚରଣ କୌଣସି ନୂଆ କଥା । ଦୁଷ୍ଟ ଚରିତ୍ର ଲୋକମାନେ ଏକତ୍ରିତ ଭାବରେ ଏହି କାର୍ଯ୍ୟ କରିଥାନ୍ତି । ମୌଲବୀ ଓ ବିଭିନ୍ନ ଦଳର ମୂଖିଆମାନେ ସର୍ବ ସାଧାରଣଙ୍କ ସମ୍ମୁଖରେ ନାନା ଅବାନ୍ତର କଥା ନବୀ ଓ ତାଙ୍କ ଅନୁସରଣକାରୀମାନଙ୍କ ବିରୁଦ୍ଧରେ କହି ସେମାନଙ୍କୁ ଉତ୍‌ତେଜିତ କରିବାକୁ ଚେଷ୍ଟା କରିଥାନ୍ତି । ଘୃଣା ଭାବର ନିଆଁ ପ୍ରଜ୍ୱଳିତ କରିବାକୁ ଚେଷ୍ଟା କରିଥାନ୍ତି ।

W ଅଲ୍ଲାଃତାଲା ପବିତ୍ର କୋରାନରେ ଏହା ବର୍ଣ୍ଣନା କରି ସ୍ପଷ୍ଟ କରିଦେଇଛନ୍ତି ଯେ, ଅଲ୍ଲାଃତାଲାଙ୍କ ପ୍ରେରିତ ଦୂତମାନଙ୍କର ବିରୁଦ୍ଧାଚରଣ କରାଯାଇଥାଏ । ଏପରି କୌଣସି ନବୀ ନାହାନ୍ତି ଯାହାଙ୍କର ଖଳ ପ୍ରବୃତିର(ଲୋକମାନେ) ବିରୋଧ କରି ନାହାନ୍ତି ଏବଂ ସେମାନଙ୍କ କାର୍ଯ୍ୟରେ ବାଧା ଦେବା ସହିତ ଦେବଦୂତମାନଙ୍କର ଉପହାସ ମଧ୍ୟ କରି ନାହାନ୍ତି । ଅତଏବ ଏହା କୌଣସି ନୂଆ କଥା ନୁହେଁ ଯାହାରକି ଜମାଅତ ଅହେମଦିୟା ସମ୍ମୁଖିନ ହେଉଛି ।

W ଅଲ୍ଲାଃତାଲା ପବିତ୍ର କୋରାନରେ ଏଥି ସମ୍ବନ୍ଧରେ ଗୋଟିଏ ସ୍ଥାନରେ କୁହନ୍ତି **ୱକଜାଲିକା ଜାଅଲନା ଲିକୁଲ୍‌ଲି ନବୀଇନ୍ ଅଦୁଓ୍ୱନ୍ ଶୟାତିନଲ୍ ଇନ୍‌ସି ୱଲ୍ ଜିନ୍ନି । ୟୁହ୍‌ଇ ବାଜୁହୁମ୍ ଇଲାବାଜିନ୍ ଜୁଖ୍‌ରୁଫଲ୍ କୌଲି ଗୁରୁରା** ଅର୍ଥାତ ଆମ୍ଭେ ଏହିପରି ଭାବରେ ମାନବ ଓ ଜିନ୍ନମାନଙ୍କ ମଧ୍ୟରୁ ଖଳ ପ୍ରକୃତିର ଲୋକମାନଙ୍କୁ ପ୍ରତ୍ୟେକ ନବିଙ୍କର ଶତ୍ରୁ କରିଥିଲୁ ସେମାନଙ୍କ ମଧ୍ୟରୁ କେତେକ ଅନ୍ୟମାନଙ୍କୁ ପ୍ରତାରିତ କରିବା ପାଇଁ ସେମାନଙ୍କ ମନରେ ମନ୍ଦ ଭାବନା ଜାଗ୍ରତ କରାନ୍ତି ଯାହା କେବଳ ସୁଶୋଭିତ କଥା ଅଟେ ।

W ସୁତରାଂ ଆମକୁ ତ କେବଳ ସେହି ଶିକ୍ଷା ଓ ପନ୍ଥା ଅବଲମ୍ବନ କରିବାର ଅଛି ଯାହାକି ହଜରତ ମସିହ ମଉଦ ଆ.ସ ଆମକୁ ବତାଇଛନ୍ତି । ଆମକୁ ନା ତ ଗାଳିର ଉତର ଗାଳି ଦ୍ୱାରା ଦେବାର ଅଛି ନା ବିଭ୍ରାଟର ପ୍ରତିବଦଳରେ ବିଭ୍ରାଟ ସୃଷ୍ଟି କରିବାର ଅଛି ନାହିଁ ଆଇନ୍‌କୁ ନିଜ ହାତରେ ନେବାର ଅଛି ।

W ହଜରତ ମସିହ ମଉଦ ଆ.ସ ଗୋଟିଏ ସ୍ଥାନରେ କୁହନ୍ତି- ଯଦି କେହି ଗାଳି ଦେଉଅଛି ତେବେ ଆମେ ଅଲ୍ଲାଃତାଲାଙ୍କ ନିକଟରେ ନିବେଦନ କରିବା ନା କି କୌଣସି ସାଂସାରିକ ଅଦାଲତରେ ତତ୍ ସହିତ ମନୁଷ୍ୟ ଜାତିର କଲ୍ୟାଣ ନିମନ୍ତେ ସର୍ବଦା ଯତ୍ନବାଦ ରହିବା ଆମର କର୍ତବ୍ୟ । ଗାଳିଶୁଣି ମଧ୍ୟ ଆମକୁ ସହାନୁଭୂତି ହିଁ ପ୍ରଦର୍ଶନ କରିବାର ଅଛି । ତେଣୁକରି ଆମ୍ଭମାନଙ୍କୁ ଆବଶ୍ୟକ ଯେ ଆମେ ସିଧାସଳଖ ଅସୁବିଧାର ସମ୍ମୁଖୀନ  ହେଉଅଛେ କିମ୍ବା ନାହିଁ ସର୍ବଦା ଧର୍ଯ୍ୟ ଓ ଦୁଆକୁ ଆପଣାଇବା ଏବଂ ଏହା ବିଶ୍ୱାସର ପ୍ରତୀକ ଅଟେ ।

W ହଜୁର ଅନଓ୍ୱର ଅ.ବ କହିଲେ- ଯଦି ଅନ୍ୟମାନଙ୍କ ପରି ଆମ କଥାରେ ବୁଦ୍ଧିମତା ନଥାଇ କେବଳ କ୍ଷଣୀକ ଉତ୍ସାହ ଥାଏ ଏବଂ ଆମ କାର୍ଯ୍ୟକଳାପ ଇସଲାମୀୟ ଶିକ୍ଷା ମୁତାବକ ହୋଇନଥାଏ ତେବେ ଏହା ଧର୍ମଭୀରୁତା ନୁହେଁ । ଯଦି ଆମ କହିବା ଓ କରିବାରେ ଅଲ୍ଲାଃତାଲାଙ୍କ ପ୍ରକାଶ ଦୃଷ୍ଟିଗୋଚର ହେଉ ନାହିଁ, ତେବେ ଆମକୁ ନିଜ ଧର୍ମଭୀରୁତା ବିଷୟରେ ଚିନ୍ତା କରିବାର ଅବଶ୍ୟକତା ରହିଛି ।

## ଖୁତ୍‌ବା ଜୁମା: ସୟଦନା ହଜରତ ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
## (ପ୍ରଦତ୍‌ତ: ୨୩ ଡିସେମ୍ବର ୨୦୧୬ ଅନୁଯାୟୀ ୨୩ ଫତାଃ ୧୩୯୫ ହି.ଶ)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ . اَلرَّحْمٰنِ الرَّحِيْمِ . مٰلِكِ يَوْمِ الدِّيْنِ . إِيَّاكَ نَعْبُدُ وَإِيَّاكَ نَسْتَعِيْنُ .
اِهْدِنَا الصِّرَاطَ الْمُسْتَقِيْمَ . صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ .

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନଓ୍ୱର ଅ:ବ କହିଲେ- ଜମାଅତ ଅହେମଦିୟାର ବିରୁଦ୍ଧାଚରଣ ଏବଂ ଜମାଅତର ସଦସ୍ୟମାନଙ୍କ ଉପରେ ବିରୋଧିମାନଙ୍କ ଦ୍ୱାରା କରାଯାଉଥିବା ଅତ୍ୟାଚାର କୌଣସି ନୂଆ କଥା ନୁହେଁ, ନା ହିଁ ନବୀମାନଙ୍କ ଜମାଅତର ବିରୁଦ୍ଧାଚରଣ କୌଣସି ନୂଆ କଥା । ଦୁଷ୍ଟ ଚରିତ୍ର ଲୋକମାନେ ଏକତ୍ରିତ ଭାବରେ ଏହି କାର୍ଯ୍ୟ କରିଥାନ୍ତି । ମୌଲବୀ ଓ ବିଭିନ୍ନ ଦଳର ମୂଖିଆମାନେ ସର୍ବ ସାଧାରଣଙ୍କ ସମ୍ମୁଖରେ ନାନା ଅବାନ୍ତର କଥା ନବୀ ଓ ତାଙ୍କ ଅନୁସରଣକାରୀମାନଙ୍କ ବିରୁଦ୍ଧରେ କହି ସେମାନଙ୍କୁ ଉତ୍‌ତେଜିତ କରିବାକୁ ଚେଷ୍ଟା କରିଥାନ୍ତି । ଘୃଣା ଭାବର ନିଆଁ ପ୍ରଜ୍ୱଳିତ କରିବାକୁ ଚେଷ୍ଟା କରିଥାନ୍ତି । ଅଲ୍ଲାଃତାଲା ପବିତ୍ର କୋରାନରେ ଏହା ବର୍ଣ୍ଣନା କରି ସ୍ପଷ୍ଟ କରିଦେଇଛନ୍ତି ଯେ, ଅଲ୍ଲାଃତାଲାଙ୍କ ପ୍ରେରିତ ଦୂତମାନଙ୍କର ବିରୁଦ୍ଧାଚରଣ କରାଯାଇଥାଏ । ଏପରି କୌଣସି ନବୀ ନାହାନ୍ତି ଯାହାଙ୍କର ଖଳ ପ୍ରବୃତିର(ଲୋକମାନେ) ବିରୋଧ କରି ନାହାନ୍ତି ଏବଂ ସେମାନଙ୍କ କାର୍ଯ୍ୟରେ ବାଧା ଦେବା ସହିତ ଦେବଦୂତମାନଙ୍କର ଉପହାସ ମଧ୍ୟ କରି ନାହାନ୍ତି । ଅତଏବ ଏହା କୌଣସି ନୂଆ କଥା ନୁହେଁ ଯାହାରକି ଜମାଅତ ଅହେମଦିୟା ସମ୍ମୁଖିନ ହେଉଛି । ଅଲ୍ଲାଃତାଲା ପବିତ୍ର କୋରାନରେ ଏଥି ସମ୍ବନ୍ଧରେ ଗୋଟିଏ ସ୍ଥାନରେ କୁହନ୍ତି **ୱକଜାଲିକା ଜାଅଲନା ଲିକୁଲ୍‌ଲି ନବୀଇନ୍ ଅଦୁଓ୍ୱନ୍ ଶୟାତିନଲ୍ ଇନ୍‌ସି ୱଲ୍ ଜିନ୍ନି ୟୁହ୍‌ଇ ବାଜୁହୁମ୍ ଇଲାବାଜିନ୍ ଜୁଖ୍‌ରୁଫଲ୍ କୌଲି ଗୁରୁରା** ଅର୍ଥାତ ଆମ୍ଭେ ଏହିପରି ଭାବରେ ମାନବ ଓ ଜିନ୍ନମାନଙ୍କ ମଧ୍ୟରୁ ଖଳ ପ୍ରକୃତିର ଲୋକମାନଙ୍କୁ ପ୍ରତ୍ୟେକ ନବିଙ୍କର ଶତ୍ରୁ କରିଥିଲୁ ସେମାନଙ୍କ ମଧ୍ୟରୁ କେତେକ ଅନ୍ୟମାନଙ୍କୁ ପ୍ରତାରିତ କରିବା ପାଇଁ ସେମାନଙ୍କ ମନରେ ମନ୍ଦ ଭାବନା ଜାଗ୍ରତ କରାନ୍ତି ଯାହା କେବଳ ସୁଶୋଭିତ କଥା ଅଟେ ।

ଅଲ୍ଲାଃତାଲାଙ୍କ ଏହି ବାଣୀ ଆଜି ମଧ୍ୟ ଯଥାର୍ଥ ଯେ ଏହି ଅହଂକାରୀ ମୌଲବିମାନେ ଧର୍ମ ନାମରେ ଠକି ଜନ ସାଧାରଣଙ୍କୁ ଉସୁକାଇଥାନ୍ତି ଏବଂ ସମାଜର କିଛି ମୂଖିଆ ମଧ୍ୟ ସେମାନଙ୍କ ସହିତ ଏହି କାର୍ଯ୍ୟରେ ସଂପୃକ୍ତ ଅଛନ୍ତି । ହଜରତ ସମିହ ମଉଦ ଆ.ସ ଏବଂ ଆପଣଙ୍କ ଜମାଅତ ସମ୍ବନ୍ଧରେ ଏପରି କଥା କୁହାଯାଇଥାଏ ଯାହାର କୌଣସି ଯଥାର୍ଥତା ହିଁ ନାହିଁ । ଏହିପରି ଅନ୍ୟାନ୍ୟ କଥା ଯାହାକି ଏମାନେ ଜମାଅତ୍ ଅହେମଦିୟା ଏବଂ ହଜରତ ମସିହ ମଉଦ ଆ.ସଙ୍କ ବିଷୟରେ କହିଥାନ୍ତି ଏଥିସମ୍ବନ୍ଧରେ ମଧ୍ୟ ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ଉଲ୍ଲେଖ କରିଛନ୍ତି । ଯେ ନବୀମାନଙ୍କ ସହିତ ଏହା ହିଁ ଘଟିଥାଏ । ସେମାନଙ୍କ ସମ୍ବନ୍ଧରେ ମିଛ ମଧ୍ୟ କୁହାଯାଇଥାଏ ଏବଂ ସେମାନଙ୍କୁ ପରିହାସ ମଧ୍ୟ କରାଯାଇଥାଏ । ଜଣେ ବିଶ୍ୱାସ ଉପରେ ପ୍ରତିଷ୍ଠିତ ପ୍ରକୃତ ଅହେମଦି ପାଇଁ ଏହି ବିରୁଦ୍ଧାଚରଣ ଏବଂ ଆମ୍ଭମାନଙ୍କ ଉପରେ ଅତ୍ୟାଚାର ବିଶ୍ୱାସରେ ଅଭିବୃଦ୍ଧିର କାରଣ ସାଜିଥାଏ କିନ୍ତୁ କିଛି ଅହେମଦି ଏପରି ମଧ୍ୟ ଅଛନ୍ତି ଯେଉଁମାନେ କୁହନ୍ତି କି ବର୍ତମାନ ଆମ୍ଭମାନଙ୍କ ଉପରେ ଅତ୍ୟାଚାର ବହୁତ ହୋଇଗଲା ଏବଂ ଆମକୁ ମଧ୍ୟ ଏହି କଠୋରତାର ଯବାବ କଠୋରତା ସହିତ ଦେବା ଉଚିତ୍ । ଏପରି ଆଉ କେତେ ଦିନ ଆମେ କଷ୍ଟ ସହ୍ୟ କରିବା । ଏହିପରି କିଛି ଲୋକ ଯୁବଗୋଷ୍ଠୀଙ୍କ ମନରେ ବିଷ ଭରିବାକୁ ଚେଷ୍ଟା କରୁଛନ୍ତି କି ଆମ୍ଭମାନଙ୍କ ଦାବି ପୂରଣ ଓ ସ୍ୱାଧୀନତା ନିମନ୍ତେ ସାଂସାରିକ ପନ୍ଥା ଅବଲମ୍ବନ କରିବାକୁ ହେବ । ଏହା ସମ୍ପୂର୍ଣ୍ଣ ମୂଖାର୍ମୀ ଏବଂ ଭ୍ରାନ୍ତ ଚିନ୍ତାଧାରା ଅଟେ । ବୋଧ ହୁଏ ଏହି ଲୋକମାନେ ଭାବ ପ୍ରବଣ ହୋଇ ଭୁଲିଯାଉଛନ୍ତି ଯେ ଏହା ଆମ୍ଭ ଶିକ୍ଷା ବିପରୀତ ଅଟେ । ହଜରତ ମସିହ ମଉଦ ଆ.ସ ଆମଠାରୁ କଣ ଆଶା ରଖିଛନ୍ତି ଓ ନିଜ ଜମାଅତକୁ ଏହି କୃରତା ଓ ଅତ୍ୟାଚାରକୁ ସହ୍ୟ କରିବା ନିମନ୍ତେ କଣ ଉପଦେଶ ଦେଇଛନ୍ତି । ସମ୍ଭବତଃ ସହାନୁଭୂତି ପ୍ରଦର୍ଶନ କରିବା ଆଳରେ ଏମାନେ ଜମାଅତ ମଧ୍ୟରେ ବିଭେଦ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି । ଯେମିତି ଯେମିତି ଜମାଅତ ଉନ୍ନତି କରୁଛି ଶତ୍ରୁମାନେ ବିଭିନ୍ନ ଉପାୟରେ ଆକ୍ରମଣ କରିବାକୁ ଚେଷ୍ଟା କରୁଛନ୍ତି, ସମ୍ଭବତଃ ଏହା ତନ୍ମଧ୍ୟରୁ ଗୋଟିଏ । ଅଲ୍ଲାଃତାଲା ହଜରତ ମସିହ ମଉଦ ଆ.ସଙ୍କ ସହ ବିଜୟ, ଉନ୍ନତି ଓ ପ୍ରଗତୀର ପ୍ରତିଶୃତୀ କରିଛନ୍ତି କିନ୍ତୁ କଠୋରତାର ଉତର କଠୋରତା ପ୍ରଦର୍ଶନ କରିବାରେ ନୁହେଁ ବରଂ ପ୍ରେମ, ଭଲପାଇବା ଓ ଦୁଆ ଉପରେ ଗୁରୁତ୍ୱ ଦେବା ଦ୍ୱାରା ଏବଂ ଏହା ହିଁ ହଜରତ ମସିହ ମଉଦ ଆ.ସ ଆମ୍ଭମାନଙ୍କୁ ବାରମ୍ବାର ବୁଝାଇଛନ୍ତି ଯେ, ଜମାଅତର ଉନ୍ନତି ଏବଂ ଶତ୍ରୁର ବିନାସ କେବଳ ଦୁଆ ମାଧ୍ୟମରେ ହିଁ ହେବ **ଇନ୍‌ଶା ଅଲ୍ଲାଃ** ଏଥିପାଇଁ ଅଲ୍ଲାଃତାଲାଙ୍କ ଶିକ୍ଷା ମୁତାବକ ନିଜ ଅବସ୍ଥାରେ ପରିବର୍ତନ ଆଣିବା ସହିତ ନିଜ ଭିତରେ ଈଶ୍ୱର ଭୟ ସୃଷ୍ଟି କରି ଅଲ୍ଲାଃତାଲାଙ୍କ ସମ୍ମୁଖରେ ନତମସ୍ତକ ହୁଅ । ମସିହ ମଉଦ ଆ.ସ ଶାନ୍ତିର ଦୂତ ରୂପେ ଆସିବାର ଥିଲା ଏବଂ ଆସିଲେ ମଧ୍ୟ । ଆପଣ ନିଜ ମାନ୍ୟକାରୀମାନଙ୍କୁ ପ୍ରଥମ

ଦିନ ଠାରୁ ହିଁ ନିର୍ଦ୍ଦେଶ ଦେଇଥିଲେ ଯେ ମୋ ପଥ ସରଳ ନୁହେଁ ଏହି ପଥରେ ଅନେକ କଠୋରତାର ସାମନା କରିବାକୁ ହେବ । ଏଥିରେ ନିଜ ଭାବନା, ଧନ ଓ ଜୀବନର କ୍ଷତି ମଧ୍ୟ ସହ୍ୟ କରିବାକୁ ହେବ । ଅଲ୍ଲାଃତାଲାଙ୍କ ଦୟାରୁ ଜମାଅତର ଲୋକମାନେ ଏହି ରାସ୍ତାରେ ସମସ୍ତ ପ୍ରକାରର ବଳିଦାନ କରିଚାଲିଛନ୍ତି ଏବଂ ଯେପରିକି ମୁଁ ଗତ ଖୁତବାରେ ମଧ୍ୟ ଆଲୋଚନା କରିଥିଲି ଯେ ଲୋକମାନେ ଲେଖୁଛନ୍ତି କି ଆମ୍ଭେ ଶତ୍ରୁର ଆକ୍ରମଣକୁ ଭୟ କରୁ ନାହୁଁ ବରଂ ଏହା ଦ୍ୱାରା ଆମ୍ଭ ବିଶ୍ୱାସ ଆହୁରି ଦୃଢ ହୋଇଚାଲିଛି । କିନ୍ତୁ ଜଣେ ଅଧେ କେହି ବ୍ୟକ୍ତି ଯଦି ଏପରି କଥା କହୁଛନ୍ତି ଯାହାକି ଜମାଅତ ଶିକ୍ଷାର ବିରୁଦ୍ଧ ଅଟେ, ତେବେ ଏହା ବିଭେଦ ସୃଷ୍ଟି କରିବା ପରି ଅଟେ । ଶତ୍ରୁକୁ ଶତ୍ରୁତାରେ ଅହୁରି ଅଧିକ ବଢିବାର ସୁଯୋଗ ପ୍ରଦାନ କରିବା ଅଟେ । ବିଶେଷ କରି ଯଦି ଏପରି କଥା ଫେସବୁକ୍, ଟୁଇଟର୍ କିମ୍ବା ହ୍ୱାଟସ୍ଆପ୍ ମାଧ୍ୟମରେ ଯାଏ । ସେ ଯାହାହେଉ ଆମ୍ଭେ ମାନେ ଏହି ଶିକ୍ଷା ଉପରେ ଚାଲିଆସିଛୁ ଯେ ଶତ୍ରୁର ଅନ୍ୟାୟ ଓ ଅତ୍ୟାଚାରରେ ଆମେ ଅତ୍ୟାଚାରୀ ହେବାର ନାହିଁ । ନା ଆମକୁ ତାହାର ପ୍ରତିବାଦ କରିବାର ଅଛି । ଆମର ପ୍ରତିବାଦ ଦୁଆର ଆସ ମାଧ୍ୟମରେ ହେବ ଯେପରିକି କହିଲି ହଜରତ ମସିହ ମଉଦ ଆ.ସ ଆମ୍ଭମାନଙ୍କୁ ଶିକ୍ଷା ଦେଇଛନ୍ତି ଯେ ଯଦି ତୁମେ ଅଲ୍ଲାଃତାଲାର ପ୍ରେମ ଓ ତାର ସାହାର୍ଯ୍ୟକୁ ପାଇବାକୁ ଚାହୁଁଛ ତେବେ ଶତ୍ରୁର ଆକ୍ରମଣ ଓ ଅନ୍ୟାୟର ତାହାରି ଭାଷାରେ ଉତର ଦିଅ ନାହିଁ ବରଂ ଆମକୁ ଦୁଆ ଓ ଧର୍ଯ୍ୟର ସହ କାମ କରିବାକୁ ହେବ, ତେବେ ଯାଇ ଆମେ ସଫଳତା ଲାଭ କରିପାରିବା । ସୁତରାଂ ହଜରତ ମସିହ ମଉଦ ଆ.ସ ଗୋଟିଏ ସ୍ଥାନରେ କୁହନ୍ତି । ପ୍ରଥମେ ଗୋଟିଏ ଫାର୍ସୀ ପଙ୍କ୍ତି ରେ କହୁଛନ୍ତି –

**ଅଜିଜାଁ ବେଖଲୁସ୍ ଓ୍ୱସିଦିକ୍ ନା କସାଇନ୍ଦ୍ ରା ହୈ ରା**
**ମୁସଫ୍ଫା କତ୍ରାଏ ବାୟଦ୍ କେ ତାଗୋହର୍ ଶୁଦ୍ ପୈଦା**

ଅର୍ଥାତ୍– ହେ ମୋର ପ୍ରିୟଜନ ନିଷ୍ଠା ଓ ସତ୍ୟ ବିନା ଉଚ୍ଚସ୍ଥାନ ପ୍ରାପ୍ତି ହୋଇପାରିବ ନାହିଁ । ତେଣୁ ପରିଷ୍କାର ଓ ପରିଚ୍ଛନ୍ନ ଜଳବିନ୍ଦୁ ଦ୍ୱାରା ହିଁ ଗୋହର୍ ଏବଂ ମୋତି ଜନ୍ମ ହୋଇଥାଏ । ପୁଣି ଆପଣ କହୁଛନ୍ତି ଯେ– ହେ ବନ୍ଧୁଗଣ ଯେଉଁମାନେ କି ମୋ ବୟତରେ ଅନ୍ତର୍ଭୁକ୍ତ ଅଛ । ଅଲ୍ଲାଃ ମୋତେ ଓ ତୁମମାନଙ୍କୁ ସେହି ସମସ୍ତ କାର୍ଯ୍ୟ ସମ୍ପାଦନ କରିବାର ଶକ୍ତି ପ୍ରଦାନ କରନ୍ତୁ । ଯାହା ଦ୍ୱାରା ସେ ପ୍ରସନ୍ନ ହେବେ, ଆଜି ତୁମେମାନେ ଅଳ୍ପ ସଂଖ୍ୟକ ତେଣୁ ତୁମେ ହୀନ ଦୃଷ୍ଟିରେ ଦେଖାଯାଉ ଅଛ । ପ୍ରକୃତରେ ଏହା ତୁମ୍ଭମାନଙ୍କର ଏକ ପରୀକ୍ଷାର ସମୟ, ଯାହାକି ବିଧାର ବିଦାନ ଅଟେ । ପ୍ରତ୍ୟେକ ଦୀଗରୁ ତୁମକୁ ବାଧା ଦେବାକୁ ଚେଷ୍ଟା କରାଯିବ, ସମସ୍ତ ପ୍ରକାରର ଅତ୍ୟାଚାର ତୁମ ଉପରେ କରାଯିବ ଓ ତୁମକୁ ବିଭିନ୍ନ ପ୍ରକାରର ଅକଥନୀୟ କଥା ଶୁଣିବାକୁ ପଡ଼ିବ ଏବଂ ଯେକେହି ତୁମକୁ ହାତ କିମ୍ବା ମୁଖ ଦ୍ୱାରା କଷ୍ଟ ଦେବ ସେ ମନେ କରିବ ଯେ ଏପରି କରି ସେ ଇସଲାମର ବହୁତ ବଡ଼ ସେବା କରୁଅଛ ଆମର ବହୁତ ବିରୋଧି ସାଧାରଣତଃ ସ୍ୱଳ୍ପ ଜ୍ଞାନ ରଖିବା ଯୋଗୁଁ ବିରୁଦ୍ଧାଚରଣ କରିଥାନ୍ତି । ମୌଲବୀମାନେ ତାଙ୍କର ମସ୍ତିଷ୍କରେ ଏହା ରଖିଦିଅନ୍ତି ଯେ ଅହେମଦୀଙ୍କ ସହିତ ବିରୁଦ୍ଧାଚରଣ କରିବା ଦ୍ୱାରା ତୁମେମାନେ ଇସ୍ଲାମ୍ର ବହୁତ ବଡ଼ ସେବା କରୁଅଛ । ଆପଣ କହୁଛନ୍ତି ଉକ୍ତ ଲୋକମାନେ ମନେକରନ୍ତି ଯେ ସେମାନେ ଇସ୍ଲାମ୍ର ସାହାଯ୍ୟ କରୁଛନ୍ତି ।.....ଏହା ସହିତ କିଛି ଦୈବଦୁର୍ବିପାକ ମଧ୍ୟ ତୁମ ଉପରକୁ ଆସିବ ଯଦ୍ୱାରା ତୁମେ ସମସ୍ତ ପ୍ରକାରର ପରୀକ୍ଷାକୁ ସାମନା କରିବ । ତେଣୁ କରି ବର୍ତ୍ତମାନ ତୁମେ ଶୁଣିରଖ ଯେ ଏହା ତୁମ ବିଜୟର ପଥ ନୁହେଁ ଯେ, ତୁମେ ମୂଲ୍ୟହୀନ ବିତର୍କ କିମ୍ବା ଥଟ୍ଟା ପରିହାସ କରିବ କିମ୍ବା ଗାଳିର ପ୍ରତି ଉତରରେ ଗାଳି ଦେବ କାରଣ ଯଦି ତୁମେ ଏହି ପନ୍ଥା ଅବଲମ୍ବନ କର ତେବେ ତୁମ ହୃଦୟ କଠୋର ହୋଇଯିବ ଏବଂ ତୁମେ କେବଳ କଥା ହିଁ କହୁଥିବ ଯାହାକୁକି ଅଲ୍ଲାଃତାଲା ଘୃଣା କରନ୍ତି । ତେଣୁ ତୁମେ କଦାପି ଏପରି କାର୍ଯ୍ୟ କର ନାହିଁ ଯଦ୍ୱାରା ତୁମେ ନିଜ ଉପରକୁ ଦୁଇଟି ଅଭିଶାପ ଟାଣି ନେବ । ଗୋଟିଏ ସଂସାରର ଏବଂ ଅନ୍ୟଟି ଅଲ୍ଲାଃତାଲାଙ୍କର । **(ଅଜାଲା ଅଓହାମ୍ ରୁହାନି ଖଜାଏନ୍ ଖଣ୍ଡ-୩, ପୃଷ୍ଠା-୫୪୬-୫୪୭)**

ସୁତରାଂ ଆମକୁ ତ କେବଳ ସେହି ଶିକ୍ଷା ଓ ପନ୍ଥା ଅବଲମ୍ବନ କରିବାର ଅଛି ଯାହାକି ହଜରତ ମସିହ ମଉଦ ଆ.ସ ଆମକୁ ବତାଇଛନ୍ତି । ଆମକୁ ନା ତ ଗାଳିର ଉତର ଗାଳି ଦ୍ୱାରା ଦେବାର ଅଛି ନା ବିଭ୍ରାଟର ପ୍ରତିବଦଳରେ ବିଭ୍ରାଟ ସୃଷ୍ଟି କରିବାର ଅଛି ନାହିଁ ଆଇନକୁ ନିଜ ହାତରେ ନେବାର ଅଛି । ପାକିସ୍ତାନ ଓ ଅନ୍ୟାନ୍ୟ ମୁସଲାମାନ ରାଷ୍ଟ୍ରଗୁଡ଼ିକରେ ତ ଏପରି ହେଉଛି କି ଯଦି ବୈଧ ଉପାୟରେ ମଧ୍ୟ ନିଜ ପକ୍ଷ ରଖାଯାଉଛି ତେବେ ଆଇନ୍ ଆମ ସହାୟତା କରିବା ବଦଳରେ ଅତ୍ୟାଚାରୀର ପକ୍ଷ ନେଉଛି । ଅତ୍ୟାଚାରୀତ ଅହେମଦି କୈଦୀମାନଙ୍କୁ ଜମାନତ ଏଥିପାଇଁ ମିଳି ନଥାଏ କାରଣ ଅଦାଲତଗୁଡ଼ିକ ମୌଲବୀମାନଙ୍କ ଅଧିନସ୍ତ ଅଟନ୍ତି । ଅଦାଲତ ଆଗରେ ଛିଡ଼ା ହୋଇ ମୌଲବୀ ବିଚାରପତୀଙ୍କୁ କହିଥାଏ ଯେ ଯଦି ତୁମେ ଜମାନତ ମଞ୍ଜୁର କର ତେବେ ତୁମ ଅବସ୍ଥା ଦେଖିନେବ ଏବଂ ଅନେକ ଜଜ୍ ଭୟରେ ଆଗାମୀ ତାରିଖ ଦେଇଥାନ୍ତି ଏବଂ କୌଣସି ନିଷ୍ପତି ଦେଇନଥାନ୍ତି । ନା ଆଇନ୍ ପ୍ରଣୟନକାରୀ ସଂସ୍ଥା ଆମକୁ ସାହାର୍ଯ୍ୟ କରିଥାଏ ନା ଆଇନ ନ୍ୟାୟ ବିଚାର କରିବାକୁ ପ୍ରସ୍ତୁତ ଅଛି । ଦେଶରେ ବିଭ୍ରାଟ ସୃଷ୍ଟି କରିବା ଆମର ଶିକ୍ଷା ନୁହେଁ । ଆମ ନିକଟରେ କେବଳ ଗୋଟିଏ ରାସ୍ତା, ତାହା ଏହି କି ଯେ ଅନବର୍ତ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ କରିଚାଲିବା ।

ହଜରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ ଦୁଆ ଏବଂ ତାର ଗ୍ରହଣୀୟ ହେବାର ମଝି ସମୟରେ ବେଳେବେଳେ ପରୀକ୍ଷା ଉପରେ ପରୀକ୍ଷା ଆସିଥାଏ ଏବଂ ଏପରି ପରୀକ୍ଷା ଆସିଥାଏ ମଧ୍ୟ ଯାହା ଅଂଟା ଭାଙ୍ଗି ଦେଇଥାଏ । କିନ୍ତୁ ଏହି ଅବସ୍ଥାରେ ଧୈର୍ଯ୍ୟର ସହିତ ଅଟଳ ରହିବା ବ୍ୟକ୍ତି ଓ ପୁଣ୍ୟ ପ୍ରକୃତିର ବ୍ୟକ୍ତିମାନେ ଉକ୍ତ ପରୀକ୍ଷା ଓ କଷ୍ଟଦାୟକ ସମୟରେ ମଧ୍ୟ ନିଜ ପ୍ରଭୁଙ୍କ ଆଶୀର୍ବାଦର ବାସନା ସୁଙ୍ଘି ନିଏ ଏବଂ ଦୂର ଦୃଷ୍ଟି ଦ୍ୱାରା ଦେଖିନିଏ ଯେ ଏହାପରେ ସାହାଯ୍ୟ ଆସୁଅଛି...... ।

**(ମଲଫୁଜାତ୍ ଖଣ୍ଡ-୪, ପୃଷ୍ଠା-୪୩୪-୪୩୫, ମୁଦ୍ରଣ-ଇଂଲିସ୍ ସ୍ଥାନ-୧୯୮୫)**

ହଜରତ ମସିହ ମଉଦ ଆ.ସ ଗୋଟିଏ ସ୍ଥାନରେ କୁହନ୍ତି– ଯଦି କେହି ଗାଳି ଦେଉଅଛି ତେବେ ଆମେ ଅଲ୍ଲାଃତାଲାଙ୍କ ନିକଟରେ ନିବେଦନ କରିବା ନା କି କୌଣସି ସାଂସାରିକ ଅଦାଲତରେ ତତ୍ ସହିତ ମନୁଷ୍ୟ ଜାତିର କଲ୍ୟାଣ ନିମନ୍ତେ ସର୍ବଦା ଯତ୍ନବାଦ ରହିବା ଆମର କର୍ତବ୍ୟ । **(ସିରାଜେ ମୁନିର, ରୁହାନି ଖଜାଏନ୍ ଖଣ୍ଡ-୧୨, ପୃଷ୍ଠା-୨୮)** ଗାଳିଶୁଣି ମଧ୍ୟ ଆମକୁ ସହାନୁଭୂତି ହିଁ ପ୍ରଦର୍ଶନ କରିବାର ଅଛି । ତେଣୁକରି ଆମ୍ଭମାନଙ୍କୁ ଆବଶ୍ୟକ ଯେ ଆମେ ସିଧାସଳଖ ଅସୁବିଧାର ସମ୍ମୁଖୀନ ହେଉଅଛେ କିମ୍ବା ନାହିଁ ସର୍ବଦା ଧର୍ଯ୍ୟ ଓ ଦୁଆକୁ ଆପଣାଇବା ଏବଂ ଏହା ବିଶ୍ୱାସର ପ୍ରତୀକ ଅଟେ ।

ଆପଣ ପୁଣି କହୁଛନ୍ତି ଯଦି କେହି ମୋ ପାଦରେ ପାଦ ମିଶାଇ ରହେଁନାହିଁ ତାହାଲେ ସେ ମୋଠାରୁ ଅଲଗା ହୋଇଯାଉ । ମତେ କଣ ଜଣା ସେ ଆଗକୁ କିପରି ଭୟାନକ୍ ଜଙ୍ଗଲ ଓ କଂଟକିତ ରାସ୍ତା ଆସିବାକୁ ଅଛି ଯାହାକୁ ମତେ ପାରି ହେବାକୁ ପଡ଼ିବ । ତେଣୁ ଯେଉଁମାନଙ୍କର ନରମ ଗୋଡ଼ ଅଛି ସେମାନେ କାହିଁକି ମୋ ସାଙ୍ଗରେ କଷ୍ଟ ଉଠାଇବେ ? ଯିଏ ମୋର ସେମାନେ ମୋ ଠାରୁ ଅଲଗା ହୋଇପାରିବେ ନାହିଁ । ନାଁ ଦୁଃଖ ସମୟରେ, ନାଁ ଲୋକଙ୍କ ଗାଳିଗୁଲଜ ସସୟରେ, ନାଁ ଆକାଶିୟ ଦୁଃଖ କଷ୍ଟ ଦ୍ୱାରା ଏବଂ ନାଁ କୌଣସି ପରୀକ୍ଷା ଦ୍ୱାରା । ଯେଉଁମାନେ ମୋର ନୁହଁନ୍ତି ସେମାନେ ବେକାରରେ ମୋ ସହିତ ସାଙ୍ଗ ହେବାର ନାଟକ କରୁଛନ୍ତି । କାରଣ ବହୁତ କମ୍ ସମୟ ଭିତରେ ସେମାନେ ମୋ ଠାରୁ ଅଲଗା ହୋଇଯିବେ ଏବଂ ତାଙ୍କର ପରବର୍ତୀ ଅବସ୍ଥା ପ୍ରଥମ ଅବସ୍ଥା ଠାରୁ ଖରାପ ହୋଇଯିବ । କଣ ଆମେ ଭୂମିକମ୍ପ ଯୋଗୁଁ ଡ଼ରିଯିବା ? କଣ ଆମେ ଅଲ୍ଲାଃତାଲାଙ୍କ ରାସ୍ତାରେ ଯେଉଁ ଭୟାନକ ପରୀକ୍ଷା ଆସିବ ସେଥିରେ ଭୟ କରିବା ? କଣ ଆମେ ନିଜର ପ୍ରେମୀ ପ୍ରଭୁଙ୍କ ଦ୍ୱାରା କୌଣସି ପରୀକ୍ଷାରୁ ଅଲଗା ହୋଇପାରିବା ? କଦାପି ନୁହେଁ, କିନ୍ତୁ କେବଳ ତାର ଆଶୀର୍ବାଦ ଏବଂ ତାର କରୁଣା ଦ୍ୱାରା ହିଁ ଏହା ସମ୍ଭବ.... । **(ଅନ୍ଓ୍ୱାରୁଲ୍ ଇସ୍ଲାମ୍, ରୁହାନି ଖଜାଏନ୍, ଖଣ୍ଡ-୯, ପୃଷ୍ଠା-୨୩-୨୪)**

ଏଥି ସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ ଆହୁରି କୁହନ୍ତି ଜଣେ ମୁସଲମାନର ବିଶ୍ୱାସର ସ୍ତର କେତେ ଉଚ୍ଚତର ହୋଇଥାଏ ଏବଂ ଶତ୍ରୁ ପକ୍ଷରୁ ସମସ୍ତ ପ୍ରକାରର ଅତ୍ୟାଚାର ସତ୍ୱେ ସେ ପ୍ରତ୍ୟେକ ଆକ୍ରମଣକୁ ସାମନା କରିଥାଏ । ଅନ୍ୟମାନଙ୍କ ଠାରୁ କଷ୍ଟ ପାଇ ମଧ୍ୟ ସେ ସର୍ବଦା ସେମାନଙ୍କୁ କ୍ଷମା କରିବାକୁ ପ୍ରସ୍ତୁତ ଥାନ୍ତି । ବିଭ୍ରାଟ ସୃଷ୍ଟି କରିନଥାନ୍ତି ବରଂ ସବର୍ଦା ଶାନ୍ତି ପ୍ରତିଷ୍ଠା କରିଥାନ୍ତି । ଆପଣ କୁହନ୍ତି– ଜଣେ ସଂଯମି ମୁସଲାମାନର ହୃଦୟରେ କଦାପି ଦୁଶ୍ଚିନ୍ତା ଯାତ ହୋଇନଥାଏ । ସେ ଯେତେ ଅଧିକ ସଂଯମତା ଲାଭକରେ ସେତିକି ଅନ୍ୟର ଦୁଃଖ, ଯନ୍ତଣା ଓ ଅନ୍ୟକୁ ଦଣ୍ଡ ଦେବାକୁ ଘୃଣା କରେ ତାର ଧର୍ମଭୀରୁତାର ସ୍ତର ବୃଦ୍ଧି ହେବା ସହିତ ସହାନୁଭୂତିରେ ମଧ୍ୟ ଉନ୍ନତି ହୁଏ ଫଳରେ ସେ ଶତ୍ରୁକୁ ମଧ୍ୟ ଦଣ୍ଡ ଦେବାକୁ ପସନ୍ଦ କରେ ନାହିଁ । ଜଣେ ମୁସଲମାନ କଦାପି ବିଦ୍ୱେଷୀ ହୋଇପାରେ ନାହିଁ କିନ୍ତୁ ଅଣଅହେମଦିମାନେ ସର୍ବଦା ନିଜ ହୃଦୟରେ ଦ୍ୱେଷ ଭାବ ରଖିଥାନ୍ତି ଏବଂ ପ୍ରତିଶୋଧ ନେବାକୁ ଚେଷ୍ଟା କରିଥାନ୍ତି । ଆମେ ଦେଖୁଅଛେ ଯେ ଆମ ଶତ୍ରୁମାନେ ଆମ ସହିତ କଣ କରୁଛନ୍ତି । ସେ ସମସ୍ତ ପ୍ରକାରର କଷ୍ଟ, ଅତ୍ୟାଚାର ଯାହା ତାଙ୍କ ଦ୍ୱାରା ସମ୍ଭବ ଥିଲା ସେମାନେ ସବୁକିଛି କରିଛନ୍ତି । ବର୍ତମାନ ମଧ୍ୟ ଆମେ ତାଙ୍କର ସମସ୍ତ ଦୋଷ ତ୍ରୁଟିକୁ କ୍ଷମା ଦେବାକୁ ପ୍ରସ୍ତୁତ ଅଛୁ । ତେଣୁ ଯେଉଁମାନଙ୍କର ମୋ ସହିତ ସମ୍ପର୍କ ରହିଛି ସେମାନେ ସମସ୍ତଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରନ୍ତୁ ଏବଂ ସତ୍ୟତା ଆଚରଣ କରନ୍ତୁ । ସେ ଯେ କୌଣସି ଧର୍ମର ହେଉନା କାହିଁକି ।

**(ମଲଫୁଜାତ୍ ଖଣ୍ଡ-୭, ପୃଷ୍ଠା-୨୮୫)**

ହଜୁର ଅନଓ୍ୱର ଅ.ବ କହିଲେ– ଯଦି ଅନ୍ୟମାନଙ୍କ ପରି ଆମ କଥାରେ ବୁଦ୍ଧିମତା ନଥାଇ କେବଳ କ୍ଷଣୀକ ଉତ୍ସାହ ଥାଏ ଏବଂ ଆମ କାର୍ଯ୍ୟକଳାପ ଇସଲାମୀୟ

ଶିକ୍ଷା ମୁତାବକ ହୋଇନଥାଏ ତେବେ ଏହା ଧର୍ମଭୀରୁତା ନୁହେଁ । ଯଦି ଆମ କହିବା ଓ କରିବାରେ ଅଲ୍ଲାଃତାଲାଙ୍କ ପ୍ରକାଶ ଦୃଷ୍ଟିଗୋଚର ହେଉ ନାହିଁ, ତେବେ ଆମକୁ ନିଜ ଧର୍ମଭୀରୁତା ବିଷୟରେ ଚିନ୍ତା କରିବାର ଅବଶ୍ୟକତା ରହିଛି । ଆଜିର ପରିସ୍ଥିତିରେ ଯଦି ଆମେ ଯୁଗର ପ୍ରବର୍ତକଙ୍କ ନିର୍ଦ୍ଦେଶ ଓ ଉପଦେଶ ମୁତାବକ କାର୍ଯ୍ୟ କରୁ ନାହେଁ ତେବେ ଆମେ ସେହି ପ୍ରକାଶ ଠାରୁ ଦୂରକୁ ଚାଲିଯିବା ଯାହାକି ଆମକୁ ଅଲ୍ଲାଃଙ୍କ ଠାରୁ ତାଙ୍କର ଆଜ୍ଞାକାରୀତା ନିମନ୍ତେ ମିଳିବାର ଥିଲା । ଅତଏବ ଅମକୁ ପ୍ରଥମେ ନିଜ ନିରିକ୍ଷଣ କରିବାର ଆବଶ୍ୟକତା ରହିଛି । ଯଦି ଆମ୍ଭ ଧର୍ମଭୀରୂତାର ସ୍ତର ସେତିକି ଉଚ୍ଚ ହୋଇସାରିଛି ଯେଉଁଠାରୁ କି ଅଲ୍ଲାଃତାଲାଙ୍କ ଦିବ୍ୟ ପ୍ରକାଶ ଦୃଶ୍ୟମାନ ହୋଇଥାଏ ଏବଂ ଯଦି ଆମ୍ଭ ଦୁଆଗୁଡ଼ିକ ନମ୍ରତାର ସେହି ସୀମାକୁ ପହଂଚି ପାରୁଛି ଯାହାକି ଜଣେ ପ୍ରକୃତ ଦୁଆକାରୀଠାରୁ ଅଲ୍ଲାଃତାଲା ଆଶା ପୋଷଣ କରିଛନ୍ତି ତେବେ ଆମକୁ ବିଶ୍ୱାସ ରଖିବା ଦରକାର ଯେ ଅଲ୍ଲାଃତାଲାଙ୍କ ସହଯୋଗ ଓ ବିଜୟ ଅତି ନିକଟତର ଏବଂ ଅଲ୍ଲାଃତାଲା ହିଁ ଆମ ପାଇଁ ରାଷ୍ଟ୍ର ନିର୍ମାଣ କରିବେ ଓ ସେହିଁ ଆମ ପଥକୁ ସୁଗମ କରିବେ **ଇନ୍‌ଶା ଅଲ୍ଲାଃ** । ଯଦି ଆମେ ଏହାକୁ ଛାଡ଼ି କିଛି ହାସଲ କରିବାକୁ ଇଛା କରିବା ତେବେ ଆମକୁ କିଛି ପ୍ରାପ୍ତ ହେବ ନାହିଁ । ଆମ ଆଗରେ ସେହି ସଙ୍ଗଠନ ଗୁଡ଼ିକର ଉଦାହରଣ ରହିଛି ଯେଉଁମାନେ କି ଇସଲାମ୍ ନାମରେ ଅସୀମ ସମ୍ବଳ ସହିତ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିଜ ଆଧିପତ୍ୟ ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି କିନ୍ତୁ କେବଳ ବିଭ୍ରାଟ, ବିଶୃଙ୍ଖଳା, ଅନ୍ୟାୟ, ଅତ୍ୟାଚାର ବ୍ୟତୀତ ସେମାନଙ୍କୁ କିଛି ଲାଭ ହେଉ ନାହିଁ । ଯଦି କିଛି ଅଧିକାର କରୁଛନ୍ତି ତେବେ ତାହା ମଧ ହାତରୁ ଚାଲିଯାଉଛି । ସଂସାରରେ ଏମାନଙ୍କୁ ଇସଲାମର ସେବକ ତ କେହି କହୁନାହାନ୍ତି ହଁ ଏମାନେ ଇସଲାମର ବଦନାମକାରୀ ନିଶ୍ଚିତ ବୋଲାଉଛନ୍ତି । ଏହି ଯୁଗରେ ଇସଲାମର ପ୍ରଚାର ଓ ପ୍ରସାର ହଜରତ ମସିହ ମଉଦ ଆ.ସ ଓ ଆପଣଙ୍କ ଜମାଅତ ଦ୍ୱାରା ହିଁ ସମ୍ଭବ । ଏହା ସେତେବେଳେ ହେବ ଯେତେବେଳେ ଆମେ ଅଲ୍ଲାଃତାଲାଙ୍କର ଏହି ପ୍ରେରିତ ଦୂତକୁ ଅନୁସରଣ କରିବା । ନଚେତ୍ ସାଂସାରିକ ଦୃଷ୍ଟି କୋଣରୁ ଆମେ ଯେତେ ଚେଷ୍ଟା କଲେ ମଧ ନା ଆମ ପାଖରେ ଶକ୍ତି ଅଛି ନା ସମ୍ବଳ ଯେ ଆମେ କିଛି ଲାଭ କରିପାରିବା କିନ୍ତୁ ଯଦି ଆମେ ଆମ ହୃଦୟରେ ଈଶ୍ୱର ଭୟ ଯାତ କରିନେବା, ଯଦି ଆମେ ଆମ ଦୁଆଗୁଡ଼ିକୁ ଚରମସୀମା ପର୍ଯ୍ୟନ୍ତ ପହଂଚିଯାଏ ତେବେ ଯେପରିକି ହଜରତ ମସିହ ମଉଦ ଆ.ସ କୋରାନର ପକ୍ତିଂ ମାଧମରେ କହିଛନ୍ତି ଯେ **ଇନ୍ନା ଅକରମ୍‌କୁମ୍ ଇନ୍‌ଦଲ୍ ଲାହା ଅତ୍‌କାକୁମ୍** ଅର୍ଥାତ ଅଲ୍ଲାଃଙ୍କ ନିକଟରେ ତୁମମାନଙ୍କ ମଧରୁ ସବୁଠାରୁ ଅଧିକ ପ୍ରିୟ ସେ ଯେ ସବୁଠାରୁ ଅଧିକ ଧର୍ମଭୀରୁ ଅଟେ । କଣ ଅଲ୍ଲାଃତାଲା ଭୂଲ କୁହନ୍ତି ? ଗୋଟିଏ ପଟେ ତ ସେ ଧର୍ମଭୀରୁକୁ ନିଜ ପ୍ରିୟ ବୋଲି କହୁଛନ୍ତି ଏବଂ ଅନ୍ୟ ପକ୍ଷେ ତାକୁ ଅପମାନିତ କରି ଛାଡ଼ିଦେବେ, କଦାପି ନୁହେଁ । ଅବଶ୍ୟ ଏହା ସତ ସେ ନବୀ ଏବଂ ତାଙ୍କ ଜମାଅତ୍‌କୁ ସଂସାରବାସୀଙ୍କ ବିରୋଧର ସାମନା କରିବାକୁ ପଡ଼ିଥାଏ, ଯେପରିକି ସ୍ୱୟଂ ହଜରତ ମସିହ ମଉଦ ଆ.ସ କହିଛନ୍ତି । କିନ୍ତୁ କଣ ପ୍ରତ୍ୟେକ ଥର ଶତ୍ରୁ ନିଜେ ଭୟଭୀତ ଓ କ୍ଷତିଗ୍ରସ୍ତ ହୋଇ ନାହିଁ ଏବଂ କଣ ପ୍ରତ୍ୟେକ ଯେ କି ଜମାଅତର ରାସ୍ତାରେ ବାଧା ସୃଷ୍ଟି କରିବା ପାଇଁ ଛିଡ଼ା ହୋଇଛି ଓ ଯେଉଁ ବାଧାବିଘ୍ନ ଜମାଅତର ଗତିପଥରେ ସୃଷ୍ଟି କରାଯାଇଛି, ତାହା ଦ୍ୱାରା କଣ ଜମାଅତର ଅଧିକରୁ ଅଧିକ ଉନ୍ନତି ଓ ବିକାଶ ହୋଇ ନାହିଁ ? ଶତ୍ରୁମାନେ ଗୁପ୍ତ ସଡ଼ଯନ ତଥା ବାହ୍ୟ ଆକ୍ରମଣ କରିବାରୁ ନିବୃତ ରହିଲେ ନାହିଁ ତଥାପି ଜମାଅତ ଉନ୍ନତିର ପ୍ରସସ୍ତ ମାର୍ଗ ଦେଇ ଆଜି ୨୦୯ଟି ଦେଶରେ ପ୍ରତିଷ୍ଠିତ ହୋଇସାରିଛି । ଯଦି ଗୋଟିଏ ସ୍ଥାନରେ ଏହାକୁ ଦବାଇବାକୁ ଚେଷ୍ଟା କରାଯାଉଛି ତେବେ ଦଶଟି ନୂତନ ସ୍ଥାନରୁ ଅଲ୍ଲାଃ ଏହାର ପ୍ରସାର ନିମନ୍ତେ ସୁଯୋଗ ଓ ସମ୍ବଳ ପ୍ରଦାନ କରିଦେଉଛନ୍ତି । ସେ ସ୍ୱୟଂ କୁହନ୍ତି– ମୁଁ ଜଣେ ସାଧାରଣ ବ୍ୟକ୍ତି ଯେ କି ଧର୍ମଭୀରୁତାରେ ଆଗରେ ଅଛି ତାହାକୁ ସମ୍ମାନ ପ୍ରଦାନ ନକରି ଛାଡ଼ିଦେବି ନାହିଁ । ତେବେ ଯାହାକୁ ସ୍ୱୟଂ ଅଲ୍ଲାଃ ପ୍ରେରଣ କରିଛନ୍ତି ଏବଂ ବିଗତ ଶହେ ବର୍ଷ ମଧରେ ଆମେ ଯାହା ସହିତ ସର୍ବଦା ଅଲ୍ଲାଃଙ୍କ ସହଯୋଗ ଥିବାର ଦେଖିଛେ, ଆଜି ତାଙ୍କ ଜମାଅତକୁ ଅଲ୍ଲାଃତାଲା ନିଜର ଅନ୍ୟାନ୍ୟ ପ୍ରତିଶୃତୀ ପୂରଣ କରିବାରୁ କିପରି ବାଦଦେବେ । ଏହା କଦାପି ସମ୍ଭବ ନୁହେଁ । କିନ୍ତୁ ଯେପରିକି ହଜରତ ମସିହ ମଉଦ ଆ.ସ କହିଛନ୍ତି– ଏ ସବୁକିଛି ଦୃଢମନସ୍ତ ଓ ଏକାଗ୍ରତା ମାଧମରେ ମିଳିବ । ସର୍ତ ରହିଛି ଯେ ଯଦି ଆମେ ଏକାଗ୍ରତାର ସହ ଅଲ୍ଲାଃଙ୍କ ସାହାର୍ଯ୍ୟ ଭିକ୍ଷା କରିବା ତେବେ ଶତ୍ରୁ ଧୂଳିସାତ ହେବାର ଦୃଶ୍ୟ ମଧ ଆମେ ନିଶ୍ଚିତ ଦେଖିବା **ଇନ୍‌ଶା ଅଲ୍ଲାଃ** ।

ହଜରତ ମସିହ ମଉଦ ଆ.ସ କୁହନ୍ତି– ଯଦି ତୁମର ବଂଚିବା ଓ ମରିବା, ତୁମର ପ୍ରତ୍ୟେକ କାର୍ଯ୍ୟ, ତୁମର ନମ୍ରତା ଓ ଉଗ୍ରତା ତୁମ ଆନନ୍ଦ ଓ ବିରକ୍ତ ହେବା କେବଳ ଅଲ୍ଲାଃଙ୍କ ପାଇଁ ହୋଇଯିବ । ବ୍ୟକ୍ତିଗତ କାରଣରୁ କାହାରି ଉପରେ ଉତ୍ୟକ୍ତ ହୋଇ ନଯାଅ, ନା କି କୌଣସି ସାଂସାରିକ ବସ୍ତୁକୁ ଦେଖି ଖୁସି ହୋଇଯାଅ ଏବଂ ଅଲ୍ଲାଃଙ୍କ ପ୍ରଶନ୍ନତା ଲାଭ କରିବା ନିମନ୍ତେ ପ୍ରତ୍ୟେକ କାର୍ଯ୍ୟ କର, କଠିନ ପରିସ୍ଥିତି ଓ ଅସୁବିଧା ସମୟରେ ଅଲ୍ଲାଃତାଲାଙ୍କ ପରୀକ୍ଷା ନିଅ ନାହିଁ ଓ ତାଙ୍କ ସହିତ ସମ୍ପର୍କ ତୁଟାଅ ନାହିଁ ବରଂ ଆଗକୁ ପାଦ ବଢାଇ ଚାଲ ତେବେ ମୁଁ ସତ କହୁଅଛି ଯେ ତୁମେ ଅଲ୍ଲାଃଙ୍କ ପ୍ରିୟ ସମ୍ପ୍ରଦାୟ ହୋଇପାରିବ । ତୁମେମାନେ ମଧ ମୋରି ପରି ମଣିଷ ଏବଂ ସେ ହିଁ ମୋର ଓ ତୁମର ପାଳନକର୍ତା । ତେଣୁ ନିଜ ପବିତ୍ର ଶକ୍ତିଗୁଡ଼ିକୁ ନଷ୍ଟ କର ନାହିଁ । ଯଦି ତୁମେ ସମ୍ପୂର୍ଣ୍ଣ ରୂପେ ଅଲ୍ଲାଃଙ୍କ ଆଡ଼କୁ ଢଳିଯିବ ତେବେ ମୁଁ ତୁମକୁ ଅଲ୍ଲାଃଙ୍କ ଇଚ୍ଛା ଅନୁଶାରେ କହୁଅଛି ଯେ ତୁମେ ଅଲ୍ଲାଃଙ୍କ ଶ୍ରେଷ୍ଠ ସମ୍ପ୍ରଦାୟ ହୋଇପାରିବ । ସୁତରାଂ ଅଲ୍ଲାଃଙ୍କ ମହାନତାକୁ ନିଜ ହୃଦୟରେ ସ୍ଥାନ ଦିଅ ଏବଂ ତାଙ୍କ ଏକେଶ୍ୱରବାଦକୁ କେବଳ କଥାରେ ନୁହେଁ ବରଂ କାର୍ଯ୍ୟରେ ପ୍ରମାଣ କରି ଦେଖାଅ ଯଦ୍ୱାରା ଅଲ୍ଲାଃଙ୍କ (କୃପା ଓ ପ୍ରଶନ୍ନତା) ମଧ ତୁମ କାର୍ଯ୍ୟରେ ଦିବ୍ୟମାନ ହେବ । **(ରେସାଲା ଅଲ୍ ଓ୍ୱସିୟତ୍, ରୋହାନି ଖଜାଏନ୍ ଖଣ୍ଡ-୨୦, ପୃଷ୍ଠା-୩୦୮)**

ଅତଏବ ଆମ ସମସ୍ତଙ୍କୁ ନିଜ ଅବସ୍ଥାରେ ପରିବର୍ତନ ଆଣିବାର ଆବଶ୍ୟକତା ରହିଛି । ଯେଉଁମାନେ ଦୁର୍ବଳ ଅଛନ୍ତି ସେମାନେ ନିଜର ନିରୀକ୍ଷଣ କରନ୍ତୁ । ଯେଉଁମାନେ ନିଜକୁ ଉତମ ମଣୁଛନ୍ତି ସେମାନେ ମଧ ପୂଣ୍ୟ କର୍ମରେ ଉନ୍ନତି ଆଣିବାର ମାର୍ଗ ସନ୍ଧାନ କରନ୍ତୁ । ଦେଖ କେବଳ ଅଲ୍ଲାଃ ହିଁ ଜାଣନ୍ତି ଯେ କିଏ ଉତମ ଏବଂ ଆମେ କେତେ ଦୂର ନିଜ ଉଦ୍ଦେଶ୍ୟଗୁଡ଼ିକ ପୁରଣ କରିବାରେ କୃତକାର୍ଯ୍ୟ ହୋଇଛେ । ଅଲ୍ଲାଃତାଲା ଆମକୁ ଗୋଟିଏ ସ୍ଥାନରେ ରହିଯିବାର ଦେଖିବାକୁ ଚାହୁଁ ନାହନ୍ତି । କେହି ଏପରି ଚିନ୍ତା କରିବା ଉଚିତ୍ ନୁହେଁ ଯେ ବର୍ତମାନ ମୁଁ ଉନ୍ନତି କରିସାରିଛି । ଆମକୁ ନିଜ ସ୍ତର ବୃଦ୍ଧି କରିବା ପ୍ରତି ନିରନ୍ତର ଚେଷ୍ଟା କରିଚାଲିବା ଉଚିତ୍ ।

ହଜରତ ମସିହ ମଉଦ ଆ.ସ ଗୋଟିଏ ସ୍ଥାନରେ କୁହନ୍ତି– ମୁଁ ନିଜ ଜମାଅତକୁ ଅବଗତ କରାଇବାକୁ ଚାହେଁ ଯେ ବିଶ୍ୱାସ ଆଣିଛନ୍ତି ଏପରି ବିଶ୍ୱାସ ଯାହା ମିଛ ବନ୍ଧୁତା ଓ ଭୀରୁତା ଦ୍ୱାରା ମଳିନ ନୁହେଁ । ଏପରି ବିଶ୍ୱାସ ଯାହା ଆଜ୍ଞାକାରୀତାର କୌଣସି ଗୁଣରୁ ବଂଚିତ ନୁହେଁ । ଏପରି ଲୋକମାନେ ଅଲ୍ଲାଃଙ୍କ ପ୍ରିୟ ଅଟନ୍ତି ଓ ଅଲ୍ଲାଃ ସ୍ୱୟଂ କୁହନ୍ତି ଏହିମାନେ ହିଁ ସତ୍ୟନିଷ୍ଠ ଅଟନ୍ତି । **(ରେସାଲା ଅଲ୍ ଓ୍ୱସିୟତ୍, ରୋହାନି ଖଜାଏନ୍ ଖଣ୍ଡ-୨୦, ପୃଷ୍ଠା-୩୦୯)**

ସୁତରାଂ ଆମକୁ ଏହି ସତ୍ୟନିଷ୍ଠା ଉପରେ ଅମଳ କରିବାର ଆବଶ୍ୟକତା ରହିଛି । ଯଦ୍ୱାରା ଆମେ ସେହି ବିଜୟକୁ ଦେଖିପାରିବା ଯାହାକି ହଜରତ ମସିହ ମଉଦ ଆ.ସଙ୍କ ସହ ସଂଶ୍ଳିଷ୍ଟ ଓ ଯାହା ଆଲ୍ଲାଃ ଆପଣଙ୍କ ପାଇଁ ଧାର୍ଯ୍ୟ କରିଛନ୍ତି । ଏହି ଦୁଃଖ ଓ ଅନ୍ଧକାରର ସମୟ ନିଶ୍ଚିତ ଦୂର ହେବ କିନ୍ତୁ ଏହାକୁ ଦୃତତର କରିବା ପାଇଁ ଆମକୁ ନିଜ ଧର୍ମଭୀରୁତାର ସ୍ତର ବୃଦ୍ଧି କରିବା ପ୍ରତି ଯତ୍ନବାନ ହେବା ଆବଶ୍ୟକ । ନିଶ୍ଚିତ ରୂପେ ଏ ଯୁଗରେ ଅଲ୍ଲାଃ ଏହି ଜମାଅତକୁ ସଂସାରରେ ଇସଲାମର ରାଜତ୍ୱ ଓ ସମଗ୍ର ସଂସାରରେ ଇସଲାମକୁ ପ୍ରସାରିତ ତଥା ସମସ୍ତ ଧର୍ମ ଉପରେ ଏହାକୁ ଶ୍ରେଷ୍ଠତା ପ୍ରଦାନ କରିବା ନିମନ୍ତେ ପ୍ରତିଷ୍ଠା କରିଛନ୍ତି ଏବଂ କୌଣସି ସାଂସାରିକ ଶକ୍ତି ଏହାକୁ ନଷ୍ଟ କରିପାରିବ ନାହିଁ । ଆପଣ କୁହନ୍ତି କଦାପି ତୁମ ହୃଦୟରେ ଏପରି ଭାବନା ଉଙ୍କି ନମାରେ କି ଅଲ୍ଲାଃତାଲା ତୁମମାନଙ୍କ ସର୍ବନାଶ କରିଦେବେ । ମନେରଖ ତୁମେ ଅଲ୍ଲାଃଙ୍କ ନିକଟରେ ଏକ ବୀଜ ସଦୃଶ୍ୟ ଯାହାକି ଭୂମୀରେ ରୋପଣ କରାଯାଇଛି । ଅଲ୍ଲାଃ କୁହନ୍ତି– ଉକ୍ତ ବୀଜ ବଢିବ ଓ ଫଳିବ ଏବଂ ପ୍ରତ୍ୟେକ ପାର୍ଶ୍ୱରୁ ତାହାର ଶାଖା ପ୍ରଶାଖା ଉତ୍ପନ୍ନ ହେବ ଏବଂ ଏହା ଏକ ବିଶାଳ ବୃକ୍ଷର ରୂପ ନେବ । **(ରେସାଲା ଅଲ୍ ଓ୍ୱସିୟତ୍, ରୋହାନି ଖଜାଏନ୍ ଖଣ୍ଡ-୨୦, ପୃଷ୍ଠା-୩୦୯)**

ଅଲ୍ଲାଃତାଲା କରନ୍ତୁ କି ଆମେ ସମସ୍ତେ ଏହାର ଫଳ ଫୁଲ ଭରା ଶାଖା ହୋଇଯାଉ । ହଜରତ ମସିହ ମଉଦ ଆ.ସଙ୍କର ନିଜ ଜମାଅତ ଠାରୁ ଯାହା ଉପେକ୍ଷା ଥିଲା ଆମେ ତାହାକୁ ପୂରଣ କରୁଁ । ତକ୍ୱା (ନିଷ୍ପାପରତା)ରେ ଉନ୍ନତି କରୁଁ ଏବଂ ଧର୍ଯ୍ୟ ଓ ଦୁଆ ସହିତ ଶତ୍ରୁର ପ୍ରତ୍ୟେକ ଆକ୍ରମଣକୁ ବିଫଳ କରିଚାଲୁ ।

ହଜୁର୍ ଅନୁଓ୍ୱର୍ କହିଲେ ନମାଜ ପରେ ମୁଁ ଗୋଟିଏ ଯନାଜାଃ ଗାଏବ୍ ପଢ଼ାଇବି ଯାହା ଶ୍ରୀମାନ୍ ମଲ୍‌କ୍ ଖାଲିଦ୍ ଜାଓ୍ୱେଦ୍ ସାହେବ୍ ସୁପୁତ୍ର ଶ୍ରୀମାନ୍ ମଲ୍‌କ୍ ଅୟୁବ୍ ଅହେମଦ୍ ସାହେବ ଦଓ୍ୱାଲମିୟାଲ୍ ଜିଲ୍ଲା ଚକଓ୍ୱାଲ୍ ଙ୍କର ଅଟେ । ମଲକ୍ ଖଲିଦ୍ ଜାଓ୍ୱେଦ୍ ସାହେବ ୬୯ ବର୍ଷ ବୟସରେ ଡ଼ିସେମ୍ବର ୧୨ ତାରିଖ ୨୦୧୬ ମସିହାରେ ଦାରୁଲ୍‌ଜିକର୍ ଦଓ୍ୱାଲମିୟାଲ୍ ଜିଲ୍ଲା ଚକଓ୍ୱାଲ୍ ଠାରେ ହୃଦୟର ସ୍ପନ୍ଦନ ବନ୍ଦ ହୋଇଯିବାରୁ ତାଙ୍କର ମୃତ୍ୟୁ ହୋଇଗଲା । **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍** ।

ମର୍‌ହୁମ୍ ବର୍ତମାନ ସେକ୍ରେଟାରୀ ତାଲିମୁଲ୍ କୁରୁଆନ୍‌ର ଓ୍ୱହଦା ଦ୍ୱାରା ସେବା କରିବାର ସୁଯୋଗ ପାଉଥିଲେ । ଏତତ୍‌ବ୍ୟତୀତ ମଧ ଅନ୍ୟାନ୍ୟ ଜମାତି ଖିଦ୍‌ମତ୍ କରିବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ । ଆପଣଙ୍କ ପଛରେ ଆପଣଙ୍କ ସ୍ତ୍ରୀ ଶ୍ରୀମତୀ ଉଜୁରା ବେଗମ୍ ସାହିବା ଙ୍କ ବ୍ୟତୀତ ଦୁଇଜଣ ପୁଅ ସଲ୍‌ମାନ୍ ଖାଲିଦ୍ ଯିଏ ଏଠି ୟୁ.କେ ରେ ଅଛନ୍ତି ଏବଂ ହାଫିଜ୍ ସୁବ୍‌ହାନ୍ ଅୟୁବ୍ ଓ ଦୁଇଜଣ ଝିଅ ଅଛନ୍ତି ନିଦାମରିୟମ୍ ଓ ହିରାମରିୟମ୍ । ଅଲ୍ଲାଃତାଲା ମର୍‌ହୁମ୍‌ଙ୍କୁ ଉଚ୍ଚସ୍ଥାନ ଅର୍ପଣ କରନ୍ତୁ ଏବଂ ତାଙ୍କ ସନ୍ତାନମାନଙ୍କୁ ମଧ ଏହି ପୁଣ୍ୟଗୁଡିକ ଜାରି ରଖିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ! e e e e e e

ପୃଷ୍ଠା ନଂ-୨ ର ଅବଶିଷ୍ଟାଂଶ....

ଅ:ବ:ଅ ଙ୍କ ପ୍ରମାଣ ବଚନ ପେଶ୍ କଲେ ଓ କହିଲେ ଏହା ନିଶ୍ଚିତ ଅଟେ ଯେ ସଂସାରରେ ଶାନ୍ତି ସ୍ଥାପନ ପାଇଁ ଅଲ୍ଲାଃଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖିବାକୁ ହେବ ଏବଂ ଏକେଶ୍ୱରବାଦର ସ୍ୱୀକାରୋକ୍ତି କରିବାକୁ ହେବ । ପରିଶେଷରେ ପୁସ୍ତକ 'କସ୍ତିନୁହ୍' ରୁ ଗୋଟିଏ ପାରା ପଢ଼ି ବକ୍ତବ୍ୟ ଶେଷ କଲେ ।

ଏହି ଇଜ୍‌ଲାସ୍‌ର ଦ୍ୱିତୀୟ ବକ୍ତୃତା ଶ୍ରୀମାନ୍ ମୌଲାନା ମୁହମ୍ମଦ୍ ଇନାମ୍ ସାହେବ ଘୋରି ନାଜିର୍ ଆଲା ଓ ସ୍ଥାନୀୟ ଅମିର୍ କାଦିଆନ୍ ସିରତ୍ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ମଧ୍ୟରୁ ଗୋଟିଏ ବିଷୟ 'ଅଦଲ୍ ଓ ଇନ୍‌ସାଫ୍' (ନ୍ୟାୟ ଓ ଧର୍ମ ବିଚାର) ଉପରେ ତକ୍‌ରିର୍ କଲେ । ଆପଣ ସୁରା ମାଏଦା ଆୟତ ନଂ-୯ ର ଆବୃତି କରି କହିଲେ ଯେ ପବିତ୍ର କୋରାନ୍‌ରେ ଇନ୍‌ସାଫ୍ ପାଇଁ ଦୁଇଟି ଶବ୍ଦ 'ଅଦଲ୍ ଓ କସତ୍' ବ୍ୟବହାର ହୋଇଛି । ଦୁଇଜଣଙ୍କ ମଧ୍ୟରେ ସମାନ ବିଚାର ପାଇଁ 'ଅଦଲ୍' ବ୍ୟବହାର ହୁଏ ଏବଂ ଅନ୍ୟ ସହିତ ମୁକାବିଲା କରାଇ ନ୍ୟାୟ ନିମନ୍ତେ 'କସତ୍'ର ବ୍ୟବହାର ହୋଇଥାଏ । ଆପଣ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଆବିର୍ଭାବର ପୂର୍ବାବସ୍ଥା ଓ ସେ ସମୟର ଜୁଲମ୍ ଓ ବିଶୃଙ୍ଖଳା ଉପରେ ଚର୍ଚ୍ଚା କଲେ ଏବଂ କହିଲେ ଯେ ଆପଣ ସ:ଆ:ସ ଉକ୍ତ ପାସବିକ ମନୁଷ୍ୟକୁ ଐଶ୍ୱରିକ ବ୍ୟକ୍ତି ରୂପେ ଗଢ଼ି ତୋଳିଲେ । ଏହି ବିଷୟରେ ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ କିଛି ପାରା ପେଶ୍ କଲେ । ଏହିପରି ପାରିବାରିକ ଜୀବନରେ ଆପଣ ସ:ଆ:ସ ଙ୍କ 'ଅଦଲ୍ ଓ ଇନ୍‌ସାଫ୍' ପ୍ରସଙ୍ଗରେ ହଜ୍‌ରତ୍ ଖଦିଜା ର:ଅ ଓ ହଜ୍‌ରତ୍ ସଫିଆ ର:ଅ ଙ୍କ ସାକ୍ଷୀ ପେଶ୍ କଲେ ଏବଂ ପବିତ୍ର ସ୍ତ୍ରୀ ମାନଙ୍କ ସହିତ ଆପଣଙ୍କର ପ୍ରେମ ଓ ସ୍ନେହର ବ୍ୟବହାରର ଚର୍ଚ୍ଚା ମଧ୍ୟ କଲେ । ସେ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ପବିତ୍ର ଜିବନୀରୁ 'ଅଦଲ୍ ଓ ଇନ୍‌ସାଫ୍' ବିଷୟରେ କିଛି ଇମାନ୍ ଅଫରୋଜ୍ ଘଟଣାବଳୀ ଉପରେ ଆଲୋକପାତ କଲେ ଏବଂ କହିଲେ ଯେ ବର୍ତମାନ ଯୁଗରେ 'ଅଦଲ୍ ଓ ଇନ୍‌ସାଫ' କୁ କାଏମ୍ କରିବାର ଦାୟିତ୍ୱ ଆମ୍ଭ ଅହେମଦୀଙ୍କ ଉପରେ ନ୍ୟସ୍ତ କରାଯାଇଛି । ଶେଷରେ ଆପଣ ''ଗଭର୍ଣ୍ଣମେଂଟ୍ ଅଂଗ୍ରେଜୀ ଅଓର୍ ଯିହାଦ୍'' ରୁ ଗୋଟିଏ ପାରା ପେଶ୍ କରି ନିଜର ବକ୍ତବ୍ୟ ଶେଷ କଲେ ।

ଏହା ପରେ ଜମାତ୍ ଅହେମଦୀୟା କିର୍‌ଗିସ୍ତାନ୍‌ର ପ୍ରତିନିଧି ଶ୍ରୀମାନ୍ ଉସୁମାନ୍ ତୁଲାଇ ବେଗ୍ ସାହେବ୍ ନିଜର ପରିଚୟ ବକ୍ତବ୍ୟ ପ୍ରଦାନ କଲେ । ଆପଣ ସେଠାରେ ହୋଇଥିବା ଗୋଟିଏ ସାହାଦତ୍ ବିଷୟର ଚର୍ଚ୍ଚା କରି କିର୍‌ଗିସ୍ତାନ୍ ଜମାତ୍‌ର ଉନ୍ନତି ପାଇଁ ଦୁଆ କରିବାକୁ ଅନୁରୋଧ କଲେ । ଏହା ପରେ ଜଲ୍‌ସାର ସଭାପତିଙ୍କ ଅନୁମତି କ୍ରମେ ଜଲ୍‌ସାର ପ୍ରଥମ ସଭା ଶେଷ କରିଦିଆଗଲା ।

## ପ୍ରଥମ ଦିବସର ଦ୍ୱିତୀୟ ସେଶନ୍

ପ୍ରଥମ ଦିନର ଦ୍ୱିତୀୟ ସଭାରେ ଶ୍ରୀମାନ୍ ମୌଲାନା ମହମ୍ମଦ୍ ଇନାମ୍ ଘୋରି ସାହେବ ନାଜିର୍ ଆଲ୍ଲା ଓ ସ୍ଥାନୀୟ ଅମୀର୍ ଜମାତ୍ ଅହେମଦୀୟା କାଦିଆନ୍ ସଭାପତିତ୍ୱ କଲେ । ଶ୍ରୀମାନ୍ ହାଫିଜ୍ ନଇମ୍ ପାଶା ସାହେବ ସୁରା ସଫ୍ ଆୟତ ନଂ ୭-୧୦ର ଆବୃତି କଲେ ଏବଂ ଏହାର ଅନୁବାଦ ମଧ୍ୟ ଶୁଣାଇଲେ । ତା ପରେ ସୟଦ୍‌ଦା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ମଞ୍ଜୁମ୍‌କଲାମ୍ **(ତୁଝେ ହମ୍‌ଦୋ ସନା ଜେବାହେ ପ୍ୟାରେ କେ ତୁନେ କାମ୍ ସବ୍ ମେରେ ସୱାଁରେ)** ଶ୍ରୀମାନ୍ ତନ୍‌ୱିର୍ ଅହେମଦ୍ ନାସିର୍ ସାହେବ୍ ଲଳିତ ସ୍ୱରରେ ଶୁଣାଇଲେ ।

ଏହି ଇଜ୍‌ଲାସ୍‌ର ପ୍ରଥମ ତକ୍‌ରିର୍ ଶ୍ରୀମାନ୍ ମୌଲାନା ମୋଜଫର୍ ଅହେମଦ୍ ନାସିର୍ ସାହେବ ନାଜର୍ ଇସ୍‌ଲାହ୍ ୱ ଇର୍ଶାଦ୍ ମର୍କଜୀୟା କଲେ । ଆପଣ ସଦାକତେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ତାଇଦାତେ ଇଲାହିଆ ପ୍ରସଙ୍ଗରେ ଆଲୋକପାତ କଲେ । ସେ ତକ୍‌ରିର୍‌ର ଆରମ୍ଭରେ ସୁରା ଅଲ୍‌ମୁଜାଦ୍‌ଲା ର ଆୟତ 'କତ୍‌ବଲ୍ଲାହୁ ଲ ଅଗ୍‌ଲିବନ୍‌ନା ଆନ୍‌ନା ୱ ରୁସୁଲି ଇନ୍‌ନଲ୍ଲାଃ କୱି ୟୁନ୍ ଅଜିଜ୍' ଆବୃତି କରି କହିଲେ ଯେ ଅଲ୍ଲାଃତାଲାଙ୍କ ପ୍ରାରମ୍ଭୀୟ ସୁନ୍ନତ୍ ଏବଂ ତାର କାନୁନ୍‌ର ପ୍ରସଙ୍ଗରେ ଯେବେ ଆମ୍ଭେ ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ଦାବି ଉପରେ ଅନୁଧ୍ୟାନ କରୁଛେ ତେବେ ଆପଣଙ୍କର ସଦାକତ୍ ଆମ ପାଇଁ ଦିବସର ଆଲୋକ ସଦୃଶ ଦେଖାଯାଉଛି ଏବଂ ଆପଣଙ୍କ ସଫଳତାକୁ ଦେଖିବା ପରେ ଏ ବିଷୟରେ କୌଣସି ପ୍ରକାରର ସନ୍ଦେହ ରହୁନାହିଁ ଯେ ଆପଣ ଅଲ୍ଲାଃତାଲାଙ୍କ ଦୂତ ଅଟନ୍ତି ବୋଲି । ଆପଣ ଆ:ସ ଙ୍କ ନାମ କେହି ଜାଣି ନଥିଲେ । କିନ୍ତୁ ଅଲ୍ଲାଃତାଲା ଦୁନିଆର ଶେଷ ସୀମା ପର୍ଯ୍ୟନ୍ତ ଆପଣଙ୍କୁ ବିଖ୍ୟାତ କରିଦେଲେ । ଗୋଟିଏ ଦୁନିଆ ଆପଣଙ୍କ ଜୀବନର ଶତ୍ରୁ ହୋଇଗଲେ କିନ୍ତୁ ଅଲ୍ଲାଃତାଲା ଆପଣଙ୍କ ସୁରକ୍ଷା ପ୍ରଦାନ କଲେ । ଆପଣଙ୍କ ଉପରେ ମୋକଦ୍ଦମା କରାଗଲା କିନ୍ତୁ ଅଲ୍ଲାଃତାଲା ଆପଣଙ୍କୁ ସମ୍ମାନ ଦେଲେ ଓ ଶତ୍ରୁ ବିଫଳ ହେଲେ ଏବଂ ଇସ୍‌ଲାମ୍‌ର ପ୍ରଚାର ଓ ପ୍ରସାର ପାଇଁ ଆପଣଙ୍କ ସହିତ ଗୋଟିଏ ନିଷ୍ଠାପର ଜମାତ୍ ପ୍ରଦାନ କଲେ ।

ଇଜ୍‌ଲାସ୍‌ର ଦ୍ୱିତୀୟ ତକ୍‌ରିର୍ ଶ୍ରୀମାନ୍ ମୌଲାନା ମୁନିର୍ ଅହେମଦ୍ ଖାଦିମ୍ ସାହେବ (ଏଡ଼ିଶିନାଲ୍ ନାଜିର୍ ଇସ୍‌ଲାହ ଓ ଇର୍‌ଶାଦ୍ ଦକ୍ଷିଣ ଭାରତ) ''ସିରତ୍ ହଜ୍‌ରତ୍ ଅବୁ ହୁରେରା ର:ଅ ଏବଂ ସିରତ୍ ହଜ୍‌ରତ୍ ଶେଖ୍ ୟାକୁବ୍ ଅଲ୍ଲି ସାହେବ ଇର୍‌ଫାନି ର:ଅ'' ବିଷୟରେ କଲେ । ହଜ୍‌ରତ୍ ଅବୁ ହୁରେରା ର:ଅ ଙ୍କ ଜିବନୀ ଉପରେ ଚର୍ଚ୍ଚା କରି ଆପଣ କହିଲେ ଯେ ଆପଣ ର:ଅ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ସେହି ବୟଜ୍ୟେଷ୍ଠ ସାଥିମାନଙ୍କ ମଧ୍ୟରୁ ଥିଲେ ଯିଏ ପରେ ଆସି ମଧ୍ୟ ବହୁତ ଆଗକୁ ଚାଲିଗଲେ । ଆପଣଙ୍କର ଅସଲ ନାମ ଅବ୍‌ଦୁଶ୍ ଶମ୍‌ସ ଥିଲା । ଇମାନ୍ ଆଣିବା ପରେ ଆଁ ହଜ୍‌ରତ୍ ସ:ଆ:ସ ଆପଣଙ୍କ ନାମ ଅବ୍‌ଦୁର୍ ରହେମାନ୍ ରଖିଦେଲେ । ତାଙ୍କର ସମ୍ପର୍କ ୟମେନ୍ ର ଦୋସୀ କବିଲା ସହିତ ଥିଲା । ତାଙ୍କୁ ପାଖାପାଖି ୩ବର୍ଷ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ନିକଟରେ ରହିବାର ସୁଯୋଗ ମିଳିଲା । ଆପଣ ର:ଅ ସବୁ ସମୟ ମସ୍‌ଜିଦ୍‌ରେ କାଟୁଥିଲେ, ବାହାରକୁ ଯିବାକୁ ପସନ୍ଦ କରୁନଥିଲେ । ଏଥିପାଇଁ କି ଆଁ ହଜ୍‌ରତ୍ ସ:ଆ:ସ କାଳେ କୌଣସି କଥା ବ୍ୟକ୍ତ କରିବେ ଆଉ ମୁଁ ଶୁଣି ନପାରିବି ବୋଲି । ଏହି କାରଣ ଥିଲା ଯେ ଆପଣ ୩ବର୍ଷର ଅବଧିରେ ଏତେଗୁଡ଼ିଏ ହଦିସ୍ କହିଛନ୍ତି ଯେ ଏହା ତା ଠାରୁ ଅଧିକ ସମୟ ବିତାଇଥିବା ସାହାବିମାନେ ମଧ୍ୟ ଏତେ କହି ନାହାଁନ୍ତି ।

ହଜ୍‌ରତ୍ ଶେଖ୍ ୟାକୁବ୍ ଅଲ୍ଲି ସାହେବ ଇର୍‌ଫାନି ର:ଅ ଙ୍କ ଜିବନୀ ଚର୍ଚ୍ଚା କରି ସେ କହିଲେ ଯେ ଆପଣଙ୍କ ଜନ୍ମ ୧୮୭୨ ମସିହା ଜଲନ୍ଧର ଜିଲ୍ଲାରେ ହୋଇଥିଲା । ଆପଣଙ୍କ ମୃତ୍ୟୁ ୧୯୫୭ ମସିହା ସିକନ୍ଦରାବାଦ୍ ତେଲୋଙ୍ଗାନା ରାଜ୍ୟରେ ହୋଇଥିଲା । ୧୮୮୯ ମସିହାରେ ବୟତ୍ କରିବାର ସୌଭାଗ୍ୟ ପ୍ରାପ୍ତ ହେଲା । ଦୀର୍ଘ ୧୯ ବର୍ଷ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ପବିତ୍ର ସଂଗତ ଲାଭ ହେଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ମୃତ୍ୟୁ ପରେ ୪୮ ବର୍ଷ ପର୍ଯ୍ୟନ୍ତ ଖିଲାଫତେ ଅହେମଦୀୟାର ଛତ୍ର ଛାୟାରେ ରହି ବହୁତ ସେବା କରିବାର ସୌଭାଗ୍ୟ ହାସଲ ହେଲା । ୧୮୯୭ ମସିହାରେ ଐତିହାସିକ ସମ୍ବାଦପତ୍ର 'ଅଲ୍‌ହକମ୍' କାଦିଆନ୍‌ରୁ ଜାରି କରାଇଲେ । ଆପଣ ସାମ୍ବାଦିକତାର ସହିତ ତଫ୍‌ସିରୁଲ୍ କୁରୁଆନ୍ ଏବଂ ଅନ୍ୟାନ୍ୟ ଲେଖାମାନ ମଧ୍ୟ ବହୁତ ସଉକ୍‌ର ସହିତ କରୁଥିଲେ । ଆପଣ ଦେଶର ଅନ୍ୟାନ୍ୟ ଖବରକାଗଜରେ ଲେଖାଦେଇ ମୋନାଜିରା ମଧ୍ୟ କରୁଥିଲେ ।

ଇଜ୍‌ଲାସ୍‌ର ତୃତୀୟ ଏବଂ ଶେଷ ତକ୍‌ରିର୍ ''ନେଜାମେ ୱସିୟତ୍ କି ଅହ୍‌ମୀୟତ୍'' ବିଷୟ ଉପରେ ଶ୍ରୀମାନ୍ ମୌଲାନା ଜୈନୁଦ୍ଦିନ୍ ହାମିଦ୍ ସାହେବ୍ (ନାଜିମ୍ ଦାରୁଲ୍ କଜା କାଦିଆନ୍) କଲେ । ଆପଣ କହିଲେ ଯେ ଇସ୍‌ଲାମ୍‌ର ହଜି ଯାଇଥିବା ସୌଭାଗ୍ୟକୁ ପୁଣି ସ୍ଥାପନ କରିବା ପାଇଁ ଏବଂ ତାକୁ ସମଗ୍ର ଦୁନିଆରେ ଗାଲିବ୍ କରିବା ପାଇଁ ଅଲ୍ଲାଃତାଲା ଏ ଯୁଗରେ ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କୁ କାଦିଆନ୍‌ର ପବିତ୍ର ବସ୍ତିରେ ପ୍ରେରଣ କଲେ । ଏହି ବିଶାଳ ଲକ୍ଷ୍ୟକୁ ପୁର୍ଣ୍ଣ କରିବା ପାଇଁ ଅଲ୍ଲାଃତାଲା ବହୁତ ଗୁଡ଼ିଏ ନିଦର୍ଶନ ଆକାଶ ଏବଂ ପୃଥିବୀରେ ଆପଣଙ୍କ ସପକ୍ଷରେ ପ୍ରକାଶ କରାଇଲେ । ସେଥି ମଧ୍ୟରୁ ଗୋଟିଏ ବଡ଼ ନିଦର୍ଶନ ହେଉଛି 'ନେଜାମେ ୱସିୟତ୍' । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଅଲ୍ଲାଃତାଲାଙ୍କ ଅନୁମତି କ୍ରମେ ୧୯୦୫ ମସିହାରେ ୱସିୟତ୍‌ର ସ୍ୱର୍ଗୀୟ ନିଜାମ୍ ଜାରି କଲେ । ସେ ଏ ସମ୍ପର୍କରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏବଂ ଖୋଲୋଫାଏ କରାମ୍‌ଙ୍କ ଉପଦେଶାବଳୀମନ ପେଶ୍ କଲେ ।

ଏହା ପରେ ନିମ୍ନଲିଖିତ ଅତିଥିମାନେ ନିଜର ପରିଚୟ ବକ୍ତବ୍ୟ ଦେଲେ । (୧)ଶ୍ରୀମାନ୍ ଡ଼ାଃ ମୁହମ୍ମଦ୍ ଇସ୍‌ମାଇଲ୍ ସାହେବ ନାଏବ୍ ନ୍ୟାଶ୍‌ନାଲ୍ ସଭାପତି ନେପାଳ(୨)ଶ୍ରୀମାନ୍ ସୁୟୁତି ଅଜିଜ୍ ସାହେବ ଇଣ୍ଡୋନେସିଆ ନିବାସୀ କହିଲେ ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ:ଅ ନିଜ ଖୁତ୍‌ବା ଜୁମା ୨୫ ଡ଼ିସେମ୍ବର ୨୦୧୫ ରେ କହିଥିଲେ କି 'ଏହା ମଧ୍ୟ ଦୂର ନୁହେଁ କି ଏକ ସମୟରେ ଚାର୍ଟାର୍ଡ଼ ଫ୍ଲାଇଟ୍ ଚାଲିବ ଏବଂ କାଦିଆନ୍ ର ଜଲ୍‌ସାରେ ଲୋକେ ସାମିଲ୍ ହେବେ' । ଅଲ୍ଲାଃତାଲା ଇଣ୍ଡୋନେସିଆର ଅହେମଦୀମାନଙ୍କୁ ସେ ସୌଭାଗ୍ୟ ଦେଲେ ଯେ ସେମାନେ ଚାର୍ଟାର୍ଡ଼ ପ୍ଲେନ୍ ଜରିଆରେ ଜଲ୍‌ସା ସାଲାନା କାଦିଆନ୍‌ରେ ସାମିଲ୍ ହେଲେ । ପୁଣି ସେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଓ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ:ଅ ଙ୍କ ଜୁମା ଖୁତ୍‌ବାର ହୱାଲା ଦେଇ ଉପରୋକ୍ତ ଭବିଷ୍ୟବାଣୀ ପୁରା ହୋଇଥିବାର ଘଟଣା ବର୍ଣ୍ଣନା କଲେ ।

## ୨୭ ଡ଼ିସେମ୍ବର-୨୦୧୬ (ମଙ୍ଗଳବାର)

## ଦ୍ୱିତୀୟ ଦିବସର ପ୍ରଥମ ସେଶନ୍

ଏହି ଇଜ୍‌ଲାସ୍‌ର ସଭାପତିତ୍ୱ ଶ୍ରୀମାନ୍ ସୟଦ୍ ତନ୍‌ୱିର୍ ଅହେମଦ୍ ସାହେବ ସଦର୍ ଅଞ୍ଜୁମନ୍ ଅହେମଦୀୟା ୱକ୍‌ଫେ ଜଦିଦ୍ କାଦିଆନ୍ କରିଲେ । ପବିତ୍ର କୋରାନ୍ ପାଠର ଆବୃତି ସହିତ ଇଜ୍‌ଲାସ୍‌ର ଶୁଭାରମ୍ଭ ହେଲା । ଶ୍ରୀମାନ୍ ମୁହମ୍ମଦ୍ ନୁରୁଦ୍ଦିନ୍ ସାହେବ୍ ଶିକ୍ଷକ ଯାମିଆ ଅହେମଦୀୟା କାଦିଆନ୍ ସୁରା ନୁର୍‌ର ଆୟତ ନଂ ୫୨-୫୬ ତେଲାୱତ୍ କଲେ ଏବଂ ଏହାର ଅନୁବାଦ ମଧ୍ୟ ଶୁଣାଇଲେ । ତା ପରେ ହଜ୍‌ରତ୍ ମସିହ୍

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.2 Thursday 26 JAN 2017 Issue No. 4

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com
www.alislam.org/badr
ANNUAL SUBSCRIPTION:Rs.300/-

ମଉଦ୍ ଆ:ସ ଙ୍କ ମଞ୍ଜୁମ୍ କଲାମ୍ (ହର୍ ତରଫ୍ ଫିକ୍ର୍‌କୋ ଦୌଡ଼ାକେ ଥକାୟା ହାମ୍‌ନେ । କୋଈ ଦିଁ ଦୀନେ ମୁହମ୍ମଦ୍ ସା ନପାୟା ହମ୍‌ନେ) ଶ୍ରୀମାନ୍ ଶେଖ୍ ଫାତେହୁଦ୍ଦିନ୍ ସାହେବ ମୁରବୀ ସିଲ୍‌ସିଲା ଲଳିତ ସ୍ୱରରେ ପଢ଼ି ଶୁଣାଇଲେ । ଇଜ୍‌ଲାସ୍‌ର ପ୍ରଥମ ତକ୍‌ରିର୍ ଶ୍ରୀମାନ୍ ମୌଲାନା ମୁହମ୍ମଦ୍ କରିମୁଦ୍ଦିନ୍ ଶାହିଦ୍ ସାହେବ ପ୍ରିନ୍‌ସିପାଲ୍ ଯାମିଆ ଅହେମଦୀୟା କାଦିଆନ୍ ''ମୁସଲ୍‌ମାନୋକା ଇତ୍‌ତେହାଦ୍ ଅର୍ ଅମ୍‌ନେ ଆଲମ୍ କା କୟାମ୍ ଖିଲାଫତେ ଆଲା ମିନ୍‌ହାଜେ ନବୁଅତ୍ ସେ ୱାବସ୍ତା ହେ'' ବିଷୟ ଉପରେ କଲେ । ଆପଣ ପବିତ୍ର ଆୟତ୍ ୱା ତସିମୁଁ ବି ହବ୍‌ଲିଲ୍ଲାହେ ଜମିଅଁ ୱଲା ତଫର୍‌ରକୁ ଉପରେ ପର୍ଯ୍ୟବେଶିତ କରି କହିଲେ ଯେ ମୁସଲ୍‌ମାନ୍ ମାନଙ୍କ ମଧ୍ୟରେ ଏକତା ଓ ଏକତ୍ରୀକରଣ କରିବାର କେବଳ ଗୋଟିଏ ଜରିଆ ଖିଲାଫତେ ଅହେମଦୀୟା ଅଟେ । ପ୍ରଥମ ଦୌର୍‌ରେ ଆଁ ହଜରତ୍ ସ:ଆ:ସଙ୍କ ତିରୋଧାନ ପରେ ଖିଲାଫତ୍ ଜରିଆରେ ମୁସଲ୍‌ମାନ ମାନଙ୍କ ମଧ୍ୟରେ ଏକତା ସ୍ଥାପିତ ହୋଇଥିଲା । ୩୦ ବର୍ଷ ପରେ ଖିଲାଫତ୍ ଠାରୁ ଦୂରେଇ ଯିବା ଫଳରେ ମୁସଲ୍‌ମାନ ମାନଙ୍କ ମଧ୍ୟରେ ବିଚ୍ଛିନ୍ନତାଭାବ ଘର କରିନେଲା । ପୁଣି ଅଲ୍ଲାଃତାଲା ନିଜ ପ୍ରତିଶୃତି ମୁତାବକ ହଜରତ୍ ମସିହ୍ ମଉଦ୍ ଆ:ସ ଙ୍କ ଜରିଆରେ ଖିଲାଫତେ ଆଲା ମିନ୍‌ହାଜେ ନବୁଅତ୍ ର ଆୟୋଜନ କଲେ.... ।

ଇଜ୍‌ଲାସ୍‌ର ଦ୍ୱିତୀୟ ତକ୍‌ରିର୍ ମୌଲାନା ମୁହମ୍ମଦ୍ ହମିଦ୍ କୌଶର୍ ସାହେବ ନାଜିର୍ ଦାୱତେ ଇଲଲ୍ଲାଃ ମର୍କଜିୟା କାଦିଆନ୍ 'ଦାୱତେ ଇଲଲ୍ଲାଃ ଅର୍ ଯମାତେ ଅହେମଦୀୟା କି ଜିମ୍ମେଦାରିଆଁ' ବିଷୟରେ କଲେ । ସେ ନିଜ ତକ୍‌ରିର୍‌ରେ ପବିତ୍ର କୋରାନ୍‌ର ଆୟତ୍ ୟା ଆୟୋହର୍ ରସୁଲୁ ବଲ୍‌ଲିଗ୍ ମା ଉନ୍‌ଜିଲ୍ଲା ଇଲୈକା ମିର୍‌ରବିକ୍ ଏବଂ ଉଦ୍‌ଉ ଇଲା ସବିଲି ରବ୍‌ବିକା ବିଲ୍‌ହିକ୍‌ମତେ.....ପାଠ କରି କହିଲେ ଯେ ଅଲ୍ଲାତାଲା ଆଁ ହଜରତ୍ ସ:ଆ:ସଙ୍କୁ ଯିଏ ବଲ୍‌ଲିଗ୍‌ର ନିର୍ଦ୍ଦେଶ ଦେଇଥିଲେ ଆପଣ ଏବଂ ଆପଣଙ୍କ ସାହାବାମାନେ ନିଜ ସାମର୍ଥ୍ୟ ଅନୁସାରେ କାର୍ଯ୍ୟ ତୁଲାଇଲେ ଏବଂ ସାରା ଆରବରେ ଇସଲାମ୍‌କୁ ପ୍ରସାର କରିଦେଲେ..... ।

ଇଜ୍‌ଲାସ୍‌ର ତୃତୀୟ ଏବଂ ଶେଷ ତକ୍‌ରିର୍ ''ନିଜାମେ ଖିଲାଫତ୍ କି ଇତାତ୍ ଅଓର୍ ଉସ୍‌କି ବର୍‌କାତ୍'' ବିଷୟ ବସ୍ତୁ ଉପରେ ଶ୍ରୀମାନ୍ ଶିରାଜ୍ ଅହେମଦ୍ ସାହେବ ଏଡ଼ିଶିନାଲ୍ ନାଜିରେ ଆଲା ଦକ୍ଷିଣ ଭାରତ, କାଦିଆନ୍ କରିଲେ । ସେ ନିଜ ବକ୍ତୃତାରେ ହଜରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଉପଦେଶାବଳୀରୁ ଏତାଆତ୍ ଖିଲାଫତ୍ କି ଅହେମିୟତ୍ ବୁଝାଇଦେଲେ ଏବଂ କହିଲେ ଯେ ଆମର କାମ ଶୁଣିବା ଏବଂ ଅମଲ କରିବା । ଅଲ୍ଲାଃତାଲା ଏବଂ ତାର ରସୁଲଙ୍କ ନିର୍ଦ୍ଦେଶାବଳୀ ଉପରେ ଅମଲ କରିବା ଆମର ପରମ କର୍ତବ୍ୟ ହେବା ଉଚିତ୍..... ।

## ଦ୍ୱିତୀୟ ଦିବସର ଦ୍ୱିତୀୟ ସେଶନ୍

ଦ୍ୱିତୀୟ ଦିନର ଦ୍ୱିତୀୟ ସଭା ନମାଜ ଯୋହର୍ ଓ ଅସର୍ ପରେ ଶ୍ରୀମାନ୍ ମୁନିର୍ ଅହେମଦ୍ ହାଫେଜାବାଦି ୱକିଲ୍ ଆଲା ତହେରିକେ ଯଦିଦ୍‌ଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହେଲା । ପବିତ୍ର କୋରାନ୍‌ର ଆବୃତି ଶ୍ରୀମାନ୍ ଫଜଲେ ଉମର୍ ଫାରୁକ୍ ସାହେବ ଶିକ୍ଷାର୍ଥୀ ଯାମିଆ ଅହେମଦୀୟ କାଦିଆନ୍ କଲେ । ସେ ସୁରା ଅଲ୍‌ହୁଜୁରାତ୍ ର ଆୟତ ନଂ ୧୨-୧୮ ତିଲାୱତ୍ କଲେ ଏବଂ ଏହାର ଉର୍ଦ୍ଦୁ ଅନୁବାଦ ଶ୍ରୀମାନ୍ ମୌଲାନା ଇନାୟତୁଲା ସାହେବ୍ ଏଡ଼ିଶିନାଲ୍ ନାଜିର୍ ଇସ୍‌ଲାହ ଓ ଇରଶାଦ ତାଲିମୁଲ୍ କୁରୁଆନ୍ ୱ ୱକ୍‌ଫେ ଆର୍‌ଜି ପେଶ୍ କଲେ । ଶ୍ରୀମାନ୍ ମୁର୍‌ଶିଦ୍ ଅହେମଦ୍ ଡାର୍ ସାହେବ୍ ଏବଂ ତାଙ୍କର ସାଥିଗଣ ସମବେତ କଣ୍ଠରେ ହଜରତ୍ ମୁସ୍‌ଲେହ ମଉଦ୍ ର:ଅ ଙ୍କ ପବିତ୍ର ମଞ୍ଜୁମ୍ କଲାମ୍ ''ବତାଉଁ ତୁମ୍‌ହେଁ କ୍ୟା କେ କ୍ୟା ଚାହ୍‌ତା ହୁଁ'' ସୁମଧୁର ସ୍ୱରରେ ପଢ଼ିଲେ ।

ଏହାପରେ ଶ୍ରୀମାନ୍ ଜ୍ଞାନୀ ତନ୍‌ୱିର୍ ଅହେମଦ୍ ସାହେବ୍ ନାଏବ୍ ନାଜିର୍ ଦାୱତେ ଇଲ୍ଲଲାଃ ମର୍କଜିଆ ''ପେଶ୍‌ୱାୟାନେ ମଜାହିବ୍‌କା ଏହେତ୍‌ରାମ୍ ହି ଅମ୍‌ନେ ଆଲମ୍ କି ଜମାନତ୍ ହେ, ପୈଗାମେଁ ସୁଲ୍‌ହା କି ରୌଶ୍‌ନି ମେଁ'' ବିଷୟ ପଞ୍ଜାବୀ ଭାଷାରେ ଭାଷଣ ଦେଲେ । ଆପଣ କହିଲେ କି ଆଜି ଦୁନିଆରେ ମନୁଷ୍ୟ ଯାହାକୁ ଅଲ୍ଲାଃତାଲା ଗୋଟିଏ ବଡ଼ ଉଦ୍ଦେଶ୍ୟ ପାଇଁ ଜନ୍ମ କରିଛି ସେ ଆଜି ବିନାଶର ଦ୍ୱାର ଦେଶରେ ପହଂଚିଛି । ସବୁଆଡ଼େ ଅଶାନ୍ତି ଏବଂ ଭୟର ମାହୋଲ୍ ଅଛି । ଏ ସଂସାର ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ମୁହାଁଇଛି । ଯଦି ଏ ଯୁଦ୍ଧ ହେଲା ତେବେ ଏହାର ଭୟାନକ୍ ପରିଣାମ୍ ବର୍ଷ ବର୍ଷ ଧରି ମନୁଷ୍ୟ ଭୋଗିବ । ଏହି ଅଶାନ୍ତି ଏବଂ ଯୁଦ୍ଧର କାରଣ କଣ ଏବଂ ଏହାର କି କି ଉପକରଣ ଅଛି ? ଯାହାଦ୍ୱାରା ଏହି ଧ୍ୱଂସରୁ ଆମ୍ଭେ ବର୍ତିପାରିବା । ଅଶାନ୍ତିର ଗୋଟିଏ କାରଣ ଏହା ଅଟେ ଯେ ଧର୍ମୀୟ ଲିଡ଼ର୍‌ମାନେ ଧର୍ମକୁ ରାଜନୀତିର ଫାଇଦା ପାଇଁ ବନେଇଦେଲେଣି । ସମ୍ମାନୀୟ ଧର୍ମୀୟ ଲିଡ଼ର୍ ମାନଙ୍କ ଉପରେ ଏବଂ ପବିତ୍ର ଐଶ୍ୱରିକ ପୁସ୍ତକ ଉପରେ ଖରାପ ଦୋଷାରୋପ କରାଯାଉଛି । ଯେଉଁଥିପାଇଁ ଅନ୍ୟାନ୍ୟ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ବିଦ୍ୱେଶ ଓ ଅଶାନ୍ତି ଦେଖାଯାଉଛି । ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହୁଛନ୍ତି କି ପ୍ରତ୍ୟେକ ଦେଶରେ ଅଲ୍ଲାଃଙ୍କ ପୈଗମ୍ବର୍ ଆସିଛନ୍ତି । କୌଣସି ଧର୍ମ ବିନା କାରଣରେ କାହା ଉପରେ ଜୁଲମ୍ ବା ଅତ୍ୟାଚାର କରିବା ପାଇଁ ଶିକ୍ଷା ଦିଏନାହିଁ । ପ୍ରତ୍ୟେକ ଧର୍ମ ଅମନ୍ ଶାନ୍ତି, ପ୍ରେମ, ଭାଇଚାରା ଓ ନିଜ ନିଜ ମଧ୍ୟରେ ସ୍ନେହ ଓ ସୌହାର୍ଦ୍ଦ୍ୟର ବାର୍ତା ଦେଇଥାଏ । ଆପଣ କହିଲେ ଯେ ଜମାତ୍ ଅହେମଦୀୟା ପ୍ରତ୍ୟେକ ଧର୍ମର ପ୍ରତିଷ୍ଠାତାଙ୍କୁ ସମ୍ମାନ ଦେଇଥାଏ । ହଜରତ୍ ମସିହ୍ ମଉଦ୍ ଆ:ସ ପ୍ରତ୍ୟେକ ଧର୍ମର ଲିଡ଼ର୍ ଏବଂ ତାଙ୍କର ପବିତ୍ର ପୁସ୍ତକର ବାସ୍ତବିକ୍ ସମ୍ମାନ ଦିଅନ୍ତି ଏବଂ ନିଜ ଜମାତ୍‌ର ଲୋକଙ୍କୁ ମଧ୍ୟ ଏହା କରିବା ପାଇଁ ପ୍ରବର୍ତାଇଥାନ୍ତି । ଆଜି ଶାନ୍ତି ସ୍ଥାପନ କରିବା ପାଇଁ ଗୋଟିଏ ହିଁ ମାତ୍ର ରାସ୍ତା ଅଛି ଏବଂ ତାହା ହେଉଛି ଇସ୍‌ଲାମ୍‌ର ଶାନ୍ତିପ୍ରିୟ ଶିକ୍ଷା ଉପରେ ଅମଲ କରାଯାଉ । ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ପରେ ଆପଣଙ୍କର ଖଲିଫାମାନେ ଶାନ୍ତି ସ୍ଥାପନ କରିବା ପାଇଁ ଚେଷ୍ଟା କରି ଚାଲିଛନ୍ତି । ହଜରତ୍ ଖଲିଫତୁଲ୍ ମସିହି ସାନି ର:ଅ ୧୯୨୮ ମସିହାରେ ନିର୍ଦ୍ଦେଶ ଦେଇ କହିଲେ ଯେ ସର୍ବଧର୍ମ ସମ୍ମିଳନୀ ଜଲ୍‌ସାର ଆୟୋଜନ କରାଯାଉ । ଜମାତ୍ ଅହେମଦୀୟା ଏପରି ସଭା ଦ୍ୱାରା ଇସ୍‌ଲାମ୍ ପ୍ରତି ଯେଉଁ ସବୁ ଆରୋପ ଲଗାଯାଉଛି ତାକୁ ଦୂର କରି ଇସ୍‌ଲାମ୍‌ର ବାସ୍ତବିକ ସ୍ୱରୂପକୁ ପେଶ୍ କରୁଛି । ସମଗ୍ର ସଂସାର ସଂଶୟରେ କାଳାତିପାତ କରୁଛି ଏବଂ ଯାହା କିଛି ଅଘଟଣ ହେଉଛି ତାହା ଧର୍ମ ନାମରେ ହେଉଛି । ତେଣୁ ଆମର ପଂଚମ ଖଲିଫା ସଂସାରରେ ଶାନ୍ତି ସ୍ଥାପନ ପାଇଁ ଅହରହ ଚେଷ୍ଟା ଚଳାଇଛନ୍ତି ।

## ୱାକିଫିନ୍-ଏ-ନୌ ଏବଂ ତାଙ୍କ ପିତାମାତାଙ୍କ ନିମନ୍ତେ ଜରୁରୀ ଘୋଷଣା

ସୟଦନା ହଜୁର୍ ଅନୱର୍ ଅ:ବ ବିଭିନ୍ନ ଅବସରରେ ୱାକିଫିନ୍-ଏ-ନୌ ଙ୍କୁ ଜାମିଆ ଅହେମଦୀୟାରେ ପ୍ରବେଶ ନେଇ ଦୀନି ଶିକ୍ଷା ହାସଲ କରି ଜମାତ୍‌ର ସେବାରେ ନିୟୋଜିତ ହେବା ପାଇଁ ପ୍ରବର୍ତାଉଛନ୍ତି । ସୟଦନା ହଜୁର ଅନୱର୍‌ଙ୍କର ନିର୍ଦ୍ଦେଶ ଯେ- ''ଅଧିକରୁ ଅଧିକ ପିଲାମାନଙ୍କ ମନରେ ଏକଥା ରଖାଯାଉ ଯେ, ତୁମ ଜୀବନର ଉଦ୍ଦେଶ୍ୟ ଧାର୍ମିକ ଶିକ୍ଷା ହାସଲ କରିବା । ଏ ଯେଉଁ ୱାକିଫିନ୍-ଏ-ନୌ ର ପିଲାମାନେ, ଏମାନଙ୍କ ମସ୍ତିଷ୍କରେ ଏକଥା ପୁରାଇବା ଆବଶ୍ୟକ ଯେ ଧର୍ମୀୟ ଶିକ୍ଷା ପାଇଁ ଜମାତ୍‌ର ଯେଉଁ ଧାର୍ମିକ ଅନୁଷ୍ଠାନ ଅଛି ସେଥିରେ ନାମ ଲେଖାଇବା ଜରୁରୀ ଅଟେ । ଜାମେଆ ଅହମଦିୟାରେ ନାମ ଲେଖାଇବା ରେ ୱାକିଫିନ୍-ଏ-ନୌ ମାନଙ୍କ ସଂଖ୍ୟା ଅଧିକ ହେବା ଉଚିତ୍ । (ଖୁତ୍‌ବା ଜୁମା - ୧୮ ଜାନୁଆରୀ ୨୦୧୩)

ତେଣୁ କରି ସମସ୍ତ ୱାକିଫିନ୍-ଏ-ନୌ ପିଲାମାନଙ୍କର ଏହା କର୍ତବ୍ୟ ଯେ, ଦଶମ ଶ୍ରେଣୀ (୧୦ମ) ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କଲାପରେ ଆଗକୁ ଅଧିକ ଶିକ୍ଷା ହାସଲ କରିବା ପାଇଁ ୱାକ୍‌ଫ୍-ଏ-ନୌ କାର୍ଯ୍ୟାଳୟ ଭାରତଙ୍କ ସହ ସଂପର୍କ କରନ୍ତୁ । ନିୟମାନୁଯାୟୀ ନ୍ୟାସନାଲ୍ କ୍ୟାରିୟର୍ ପ୍ଲାନିଂ କମିଟି ୱକ୍‌ଫ୍-ଏ-ନୌ ଭାରତଙ୍କ ଅନୁମତି ସହିତ ଅନ୍ୟାନ୍ୟ କ୍ଷେତ୍ରରେ ଶିକ୍ଷା ଗ୍ରହଣ କରନ୍ତୁ । ତେଣୁ ଭାରତର ସମସ୍ତ ୱାକିଫିନ୍-ଏ-ନୌ ଯେଉଁମାନେ ଚଳିତ ବର୍ଷ ୧୦ମ ବା +୨ ଅଥବା ଗ୍ରାଜୁଏସନ୍‌ର ଶେଷ ବର୍ଷରେ ଶିକ୍ଷା ଗ୍ରହଣ କରୁଛନ୍ତି ସେମାନେ ତାଙ୍କ ଭବିଷ୍ୟତ ଶିକ୍ଷା ପାଇଁ ଶିଘ୍ର ଓକ୍‌ଫ୍-ଏ-ନୌ କାର୍ଯ୍ୟାଳୟ ଭାରତ (ନଜାରତ୍ ତାଲିମ୍) ଙ୍କ ସହିତ ସମ୍ପର୍କ କରନ୍ତୁ । ଯଦ୍ୱାରା ୱାକିଫିନ୍-ଏ-ନୌ ଙ୍କ ଶିକ୍ଷା ସମ୍ବନ୍ଧରେ କାର୍ଯ୍ୟ ପନ୍ଥା ନିର୍ଦ୍ଧାରଣ କରାଯାଇପାରିବ । ୱାକିଫିନ୍-ଏ-ନୌ ଙ୍କ ପାଇଁ ଶିକ୍ଷାର ପ୍ରତି ସ୍ତରରେ ଅନୁମତି ହାସଲ କରିବା ଜରୁରୀ ଅଟେ ।

(ଇନ୍‌ଚାର୍ଜ ୱକ୍‌ଫ୍-ଏ-ନୌ ବିଭାଗ, ଭାରତ)

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan